
ବର୍ଷ-୨୬, ସଂଖ୍ୟା-୧୭୬
ଭୁବନେଶ୍ୱର
୦୨, ଜୁଲାଇ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 176
Bhubaneswar
02, July, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶ୍ରଦ୍ଧା କପୁରଙ୍କ 'ଇଠା'କୁ ନେଇ ବିବାଦ

# ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧିକୁ ଅନୁମୋଦନ

## କ୍ୟାବିନେଟ୍ ରେ ୮ ବିଭାଗର ୧୨ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୧୭(ମହାଭାରତ): ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୩ତମ ବୈଠକ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଉଚ୍ଚଶିକ୍ଷା ବିଭାଗର ୧ଟି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ୧ଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧ଟି, ନିର୍ମାଣ ବିଭାଗର ୨ଟି, ଜଳସମ୍ପଦ ବିଭାଗର ୩ଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୧ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗର ୧ଟି ଏହିପରି ୮ଟି ବିଭାଗର ମୋଟ ୧୨ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି।

ବୈଠକ ପରେ ମୁଖ୍ୟମନ୍ତ୍ରୀ କ୍ୟାବିନେଟ ବୈଠକରେ ଉଚ୍ଚଶିକ୍ଷା ବିଭାଗ ସମ୍ପର୍କିତ ପାରିତ ଗୋଟିଏ ପ୍ରସ୍ତାବ ଏବଂ ଅବଶିଷ୍ଟ ଅନୁମୋଦିତ ୧୧ଟି ପ୍ରସ୍ତାବ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶ୍ରମତୀ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି ନାମରେ ରାଜ୍ୟ ସରକାର ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କେ.ଜି ରୁ ପି.ଜି ପର୍ଯ୍ୟନ୍ତ ଓଡିଶାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାପ୍ରଦାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିରେ ସରକାରୀ ଓସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କୌଣସି ଦେୟ ପଡିବ ନାହିଁ।

ବୁଧବାର ଦିନ ରାଜ୍ୟ କ୍ୟାବିନେଟର ୪୩ତମ ବୈଠକରେ ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧିକୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଐତିହାସିକ ନିଷ୍ପତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ର କିମ୍ବା ଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଂଚିତ ହେବେ ନାହିଁ। କିମ୍ବା ପାଠପଢା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ।

ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶାରେ କିଣ୍ଡରଗାର୍ଟେନ୍ ବା କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିଲା। ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ



ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି।

ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଂ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍ ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ।

ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଂଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ।ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଡାଟା ସେଂଟର ୨.୦ (ଓଏସଡିସି ୨.୦) ପ୍ରକଳ୍ପ' ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି ।ଓଡ଼ିଶା ରାଜ୍ୟ ଡାଟା ସେଂଟର ୨୦୧୧ ମସିହାରୁ କାର୍ଯ୍ୟକ୍ଷମ ଅଛି ଏବଂ ଏଥରେ ୩୯ଟି ବିଭାଗର ୬୦୦ରୁ ଅଧିକ ସରକାରୀ ଆପ୍ଲିକେସନ୍ ସଫ୍ଟୱେର ଏବଂ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନିତ କରାଯାଇଛି ।

ଡାଟା ସେଂଟରର ବର୍ତ୍ତମାନର ଭିତିଭୂମିର କ୍ଷମତା ସୀମିତ ହେବା ଏବଂ ଏହାର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ, ଓଡ଼ିଶା ଷ୍ଟେଟ୍ ଡାଟା ସେଂଟର ୨.୦ର ପ୍ରତିଷ୍ଠା ଅପରିହାର୍ଯ୍ୟ ଅଟେ ।ଏହା ଏକ ଟାୟାର-୩ ଅନୁପାଳନକାରୀ, ସୁରକ୍ଷିତ, ସଂପ୍ରସାରଣ ସାପେକ୍ଷ ଏବଂ ସ୍ୱୟଂ ପରିଚାଳିତ ଡାଟା ସେଂଟର ହେବ । ରାଜ୍ୟର ବଢୁଥିବା ଡିଜିଟାଲ୍ ଭିତିଭୂମିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଯୋଜନା କରାଯାଇଛି ।

ରାଜ୍ୟ ଡାଟା ସେଂଟରରେ ଅବସ୍ଥାପିତ ଆପ୍ଲିକେସନ୍ ସଫ୍ଟୱେରଗୁଡ଼ିକର ସ୍ଥାନାନ୍ତରଣ, ସାଇବର ସୁରକ୍ଷା ଏବଂ ସରକାରୀ ସେବାଗୁଡ଼ିକର ଡିଜିଟାଲ ଉପଲବ୍ଧତା ଏବଂ ସ୍ଥାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଏକ ତଥ୍ୟ ରିକଭରି ଡାଟା ସେଂଟର ମଧ୍ୟ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ।ପରିବେଶ ଅନୁକୂଳ ଏବଂ ସ୍ୱଳ୍ପ ଶକ୍ତି ବିନିଯୋଗୀ ଦ୍ୱାରା ଓଡ଼ିଶା ରାଜ୍ୟ ଡାଟା ସେଂଟର ୨.୦ କାର୍ଯ୍ୟକ୍ଷମ କରିବ ।ଡାଟା ସେଂଟରର ଭିତିଭୂମି ସ୍ଥାପନ, ବୈଷୟିକ ସରଞ୍ଜାମ, ଏବଂ ପାଂଚ ବର୍ଷର ପରିଚାଳନା ଓ ରକ୍ଷଣାବେକ୍ଷଣ ସମେତ ଓଏସଡିସି ୨.୦ ପ୍ରକଳ୍ପର ପ୍ରତିଷ୍ଠା ପାଇଁ ମୋଟ୍ ୨୬୮.୪୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।ଜଳ ସମ୍ପଦ ବିଭାଗ ଅଧିନସ୍ଥ ସେଚାଂଚଳ ଉନ୍ନୟନ ଓ ଭାଗିଦାରୀଭିତ୍ତିକ ସେଚ ପରିଚାଳନା ନିର୍ଦ୍ଦେଶାଳୟ ଦ୍ୱାରା ଦାଖଲ କରାଯାଇଥିବା 'ଓଡିଶା ସେଚାଂଚଳ ଉନ୍ନୟନ ମନ୍ତ୍ରୀସ୍ତରୀୟ ସେବା (ଜଳ ସମ୍ପଦ ବିଭାଗର ସେଚାଂଚଳ ଉନ୍ନୟନ ଓ ଭାଗିଦାରୀଭିତ୍ତିକ ସେଚ ପରିଚାଳନା ନିର୍ଦ୍ଦେଶାଳୟରେ ପଦବୀର ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬' ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ମନ୍ତ୍ରୀସ୍ତରୀୟ କ୍ୟାଡରର ମୂଳ କାର୍ଯ୍ୟ ହେଉଛି ନଥି ପ୍ରସ୍ତୁତି, ଲିପିବଦ୍ଧ, ନଗଦ ବହି, ବିଲ୍ ଇତ୍ୟାଦି ପ୍ରସ୍ତୁତି ଏବଂ ଦାଖଲ ସହିତ ପ୍ରତିଷ୍ଠାନ ସମ୍ବନ୍ଧୀୟ ବିଭିନ୍ନ ବିଷୟ ପରିଚାଳନା କରି ସଂଗଠନରେ ଉଚ୍ଚସ୍ତରୀୟ ନିଷ୍ପତି ଗ୍ରହଣ ଏବଂ କାର୍ଯ୍ୟକ୍ଷମ କରିବାରେ ଉପରିସ୍ଥ ଅଧିକାରୀଙ୍କୁ ସହଯୋଗ କରିବା। କ୍ୟାଡର ନିୟମ ଅନୁପସ୍ଥିତିରେ, ମନ୍ତ୍ରୀସ୍ତରୀୟ କ୍ୟାଡରର ନିଯୁକ୍ତି ହେଉନାହିଁ, ଯାହା ଫଳରେ ଖାଲି ପଦବୀ ବୃଦ୍ଧି ପାଉଛି ଏବଂ ଉପରୋକ୍ତ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି।

ବରଗଡ ଜିଲ୍ଲାର ଗାଇସିଲେଟ ବ୍ଲକ୍ ଅନ୍ତର୍ଗତ ଜାମୁତପଲ୍ଲୀ ଗ୍ରାମ ନିକଟରେ ମହାନଦୀର ଉପ ନଦୀ , ଓଙ୍ଗ ନଦୀ ଅବବାହିକା ରେ ଏକ ଅନ୍ତଃନଦୀ ଜଳାଶୟ (ଇନ ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର) ନିର୍ମାଣ ନିମନ୍ତେ ପ୍ରସ୍ତାବ ରହିଅଛି । ଆଜି ରାଜ୍ୟ କ୍ୟାବିନେଟ ଏହି ପ୍ରକଳ୍ପର ନିର୍ମାଣ ନିମିତ୍ତ ଟ. ୧୫୯,୩୬,୯୫,୦୦୮.୦୦( ଏକଶହ ଅଣଷଠୀ କୋଟି ଛତିଶ ଲକ୍ଷ ପଞ୍ଚାନବେ ହଜାର ଆଠ ଟଙ୍କା ) ଟେଣ୍ଡରକୁ ଅନୁମୋଦନ କରିଛନ୍ତି । ପ୍ରକଳ୍ପଟି ତିରିଶ (୩୦) ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଏହି ପ୍ରକଳ୍ପ ଦ୍ୱାରା ଗଇସିଲଟ ଓ ପଦ୍ମପୁର ବ୍ଲକ ଅନ୍ତର୍ଗତ ୪୧ ଟି ଗ୍ରାମର ଲୋକଙ୍କୁ ଘରୋଇ ଜଳ ଯୋଗାଣ କରାଯାଇପାରିବ । ପ୍ରକଳ୍ପ ଟି ପଶୁପାଳନ, ମତ୍ସ୍ୟ ଚାଷ ଓ ଜଳ ଉପରେ ନିର୍ଭରଶୀଳ ଅନ୍ୟାନ୍ୟ ଜୀବିକାମୂଳକ କାର୍ଯ୍ୟକଳାପକୁ ସମର୍ଥନ ଦେବାରେ ସହାୟକ ହୋଇପାରିବ। ଏତଦ୍ ବ୍ୟତୀତ ଉକ୍ତ ପ୍ରକଳ୍ପଟି ସ୍ଥାନୀୟ ଚାଷୀମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ମଧ୍ୟ ସହାୟକ ହେବ ।

## ଅଯୋଧ୍ୟା ମାମଲାରେ ଏସଆଇଟି ତଦନ୍ତ ପାଇଁ ଶେଷ ତାରିଖ ବୃଦ୍ଧି

ଲକ୍ଷ୍ନୌ, ୧୭(ମହାଭାରତ) : ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟା ତୀର୍ଥ କ୍ଷେତ୍ରରେ ଦାନ ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ପାଇଁ ଶେଷ ତାରିଖ ୧୫ ଜୁଲାଇକୁ ବୃଦ୍ଧି କରିଛନ୍ତି। ଏସଆଇଟି ମାମଲାର ବିଭିନ୍ନ ଦିଗକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଅତିରିକ୍ତ ସମୟ ମାଗିଥିଲା। ସେ ଅନୁରୋଧକୁ ଗ୍ରହଣ କରି ଏସଆଇଟିକୁ ଜୁଲାଇ ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସୂଚନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅନୁରୋଧରେ ଏସଆଇଟି ଗଠନ କରିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ ଏସଆଇଟି ସତ୍ୟରୁ ମିଛକୁ ପୃଥକ କରି ମାମଲାର ପ୍ରତ୍ୟେକ ଦିଗକୁ ପୁଙ୍ଖାନୁପୁଙ୍ଖ ଏବଂ ନିରପେକ୍ଷ ଭାବରେ ତଦନ୍ତ କରିବ। ଦୋଷୀମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଜୁନ ୨୩ ତାରିଖରେ, ଏସଆଇଟିର ମୁଖ୍ୟ ସଦସ୍ୟ, ଲକ୍ଷ୍ନୌ ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତ, ଗୃହ ବିଭାଗକୁ ତାଙ୍କର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରି ଦୃଢ଼ ସୁପାରିଶ କରିଥିଲେ। ଏହି ସୁପାରିଶଗୁଡ଼ିକୁ ଆଧାର କରି, ଜୁନ୍ ୨୫ ତାରିଖରେ, ଟ୍ରଷ୍ଟ ସଦସ୍ୟ କୃଷ୍ଣମୋହନଙ୍କ ଲିଖିତ ଅଭିଯୋଗ ଆଧାରରେ ଶ୍ରୀ ରାମ ଜନ୍ମଭୂମି ପୋଲିସ ଷ୍ଟେସନରେ ପ୍ରଥମ ଏଫଆଇଆର ପଞ୍ଜିକୃତ ହୋଇଥିଲା, ଯେଉଁଥିରେ ଆଠ ଜଣ ନାମିତ ଏବଂ ଅନ୍ୟ ଅଜ୍ଞାତ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବରେ ନାମିତ କରାଯାଇଥିଲା। ସମସ୍ତ ନାମିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇବେ ସରକାର : ଗଣଶିକ୍ଷା ସଚିବ

ଭୁବନେଶ୍ୱର, ୧୭(ମହାଭାରତ) : ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥା ଶୀଘ୍ର ତ୍ରୁଟିଶୂନ୍ୟ ନୂତନ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଳା ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟି ଥିବା ସରକାରଙ୍କ ନଜରକୁ ଆସିଥିଲା । ମୁଖ୍ୟମନ୍ତ୍ରୀ ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟି କିପରି ହୋଇଥିଲା ଓ କେଉଁମାନେ ଏଥିରେ ଦାୟୀ ସେ ସମ୍ବନ୍ଧରେ ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ବିଚାର କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଟିର ସୁପାରିଶ କ୍ରମେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇସାରିଛନ୍ତି ଏବଂ ପରବର୍ତୀ ସମୟରେ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିଷ୍ପତି ନେଇଛନ୍ତି । ପାଠ୍ୟପୁସ୍ତକରେ ଦେଖାଯାଇଥିବା ତ୍ରୁଟିକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଏହି ତ୍ରୁଟିଗୁଡିକୁ ତର୍ଜମା କରାଯାଉଛି ଓ ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛି । ଖୁବଶୀଘ୍ର ସଂଶୋଧିତ ବହି ବିଭାଗୀୟ ୱେବସାଇଟ୍ / ଓସେପା ୱେବସାଇଟ୍ ରେ ଶିକ୍ଷାବିତ ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ । ସମସ୍ତଙ୍କର ମତାମତକୁ ବିଚାରକରି ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ବହି ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ସରକାର ନିଷ୍ପତି ନେଇଛନ୍ତି ଏବଂ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ପ୍ରଦାନ କରାଯାଇ ପାଠ ପଢା ଚାଲୁ ରହିବ । ସରକାର ଯଥା ଶୀଘ୍ର ପୁନର୍ବାର ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଶାସନ ସଚିବ ଡ. ନାୟକ ସୂଚନା ଦେଇଛନ୍ତି ।

## ଅକ୍ଟୋବର ସୁଦ୍ଧା ଶେଷ ଏସଆଇ ପରୀକ୍ଷା

ଭୁବନେଶ୍ୱର, ୧୭(ମହାଭାରତ) :ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଶେଷ ଏସଆଇ ପରୀକ୍ଷା ଅନୁଷ୍ଠିତ ହେବ। ଓୟୁଏସଏସଏସସି ଅଧ୍ୟକ୍ଷ ରଶ୍ମି ରଞ୍ଜନ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ପାଇଁ ବଂଚିତ ଛାତ୍ରଛାତ୍ରୀ ପରୀକ୍ଷା ଦେଇପାରିବେ। ବୟସ ଅତିକ୍ରମ ହୋଇଯାଇଥିଲେ ବି ପରୀକ୍ଷା ଦେଇ ପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ହେବନି। ପରୀକ୍ଷା ପାଟର୍ଣ୍ଣ, ସିଲାବସ୍ ରେ କୌଣସି ପ୍ରକାର ପରିବର୍ତ୍ତନ ହେବନି। ତ୍ରୁଟିଶୂନ୍ୟ ପରୀକ୍ଷା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ପ୍ରଶାସନିକସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୭(ମହାଭାରତ) : ରାଜ୍ୟ ସରକାର ଆଜି ପ୍ରଶାସନିକସ୍ତରରେ ଅଦଳବଦଳ କରିଛନ୍ତି। ଆଜିଠୁ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିବେ ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ ବଶିଷ୍ଟ। ଏହାସହିତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଓଡିଶା ସଚିବାଳୟ ସେବା କ୍ୟାଡର(ଓଏସଏସ)ର ୬ଜଣ ଅଫିସରଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ଆଜି ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଆଇଏଏସ୍ ସୁରେଶ ବଶିଷ୍ଟଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ବଶିଷ୍ଟ ଆଜି ଅପରାହ୍ନରୁ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବେ। ସେହିପରି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟର ୬ଜଣ ଓଏସ୍ଏସ କ୍ୟାଡର ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅନୁସଚିବ ହବିବ ମୋହନ ମୁର୍ମୁ , ସୂଚନା ଓ ଲୋକସମ୍ପର୍କ ବିଭାଗର ସେକ୍ସନ ଅଫିସର ଶଶାଙ୍କ ଶେଖର ନାୟକଙ୍କ ସମେତ ଅନ୍ୟ ୪ଜଣ ଏଏସଓ ଅନୀଲ ଅଧିକାରୀ,ବିଶ୍ୱକଲ୍ୟାଣ ପଟ୍ଟନାୟକ ପ୍ରଭାସ ବେହେରାମାଳି ଓ ପ୍ରୀତମ ନାୟକଙ୍କୁ ମଧ୍ୟ ସିଏମଓକୁ ବଦଳି ହୋଇଛି।

ଏହି ଓଏସଏସ୍ କ୍ୟାଡର ଅଫିସରମାନଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ସେମାନେ ବିଳମ୍ବ ନକରି ସିଏମଓରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଏସଏସ୍ କ୍ୟାଡର ଅଫିସରମାନଙ୍କର ଆବଶ୍ୟକତା ଥିବା ନେଇ ଜୁନ୍ ୨୪ତାରିଖରେ ଗୃହ ବିଭାଗକୁ ସୂଚିତ କରାଯାଇଥିଲା। ଆଉ ଉକ୍ତ ନିର୍ଦ୍ଦେଶନାମା ଆଧାରରେ ଗୃହ ବିଭାଗ ଜୁନ୍ ୨୯ତାରିଖରେ ଏହି ଅଫିସରମାନଙ୍କୁ ସିଏମଓରେ ନିଯୁକ୍ତି ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ତଥା ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡଙ୍ଗୀଙ୍କୁ ଅବଗତ କରିଥିବା ଜଣାପଡିଛି।

## ଲଗାଣ ବର୍ଷା: ରାଜ୍ୟର ସମସ୍ତ ୟୁଏଲ୍‌ବି ହାଇ ଆଲର୍ଟରେ

ଭୁବନେଶ୍ୱର, ୧୭(ମହାଭାରତ): ରାଜ୍ୟରେ ଲଗାଣ ମୌସୁମୀ ବର୍ଷା ଜାରି ରହିଥିବାବେଳେ ସହରାଂଚଳରେ ଜଳବନ୍ଦୀ ଓ ଜଳ ଜମିବାର ଆଶଙ୍କାକୁ ଦୃଷ୍ଟିରେ ରଖି ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)କୁ ହାଇ ଆଲର୍ଟରେ ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ବିଭାଗ ଓ ସମସ୍ତ ୟୁଏଲ୍‌ବିକୁ ଯେକୌଣସି ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କହିଛନ୍ତି ।

ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ, ମୌସୁମୀ ଋତୁରେ ନାଗରିକଙ୍କ ସୁରକ୍ଷା ଏବଂ ନିରବଚ୍ଛିନ୍ନ ନାଗରିକ ସେବା ଯୋଗାଣ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ତେଣୁ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ୟୁଏଲ୍‌ବିକୁ ସଜାଗ ଓ ସତର୍କ ରହିବା ଆବଶ୍ୟକ । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଂଚଳ ପରିଷଦକୁ ଏକ ପରାମର୍ଶ ଜାରି କରିଛି । ଏଥିରେ ଚିହ୍ନଟ ହୋଇଥିବା ହଟ୍‌ସ୍ପଟ୍ ଓ ନିମ୍ନାଂଚଳରେ ଜଳବନ୍ଦୀ ଏବଂ ଜଳ ଜମିବାକୁ ରୋକିବା ପାଇଁ ସମସ୍ତ ପ୍ରତିଷେଧକ ପଦକ୍ଷେପ ନେବାକୁ କୁହାଯାଇଛି ।

ବିଭାଗ ପକ୍ଷରୁ ସମସ୍ତ ୟୁଏଲ୍‌ବିକୁ ଚବିଶ ଘଂଟିଆ ପରିସ୍ଥିତି ନିରୀକ୍ଷଣ, ରାପିଡ୍ ଆକ୍ସନ ଟିମ୍ ?ଗୁଡ଼ିକୁ ପୂର୍ଣ୍ଣ ସକ୍ରିୟ ରଖିବା, ପମ୍ପ ଓ ଡି-ୱାଟରିଂ ଉପକରଣକୁ କାର୍ଯ୍ୟକ୍ଷମ ରଖିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ପୌର ଅଧିକାରୀ, ଯନ୍ତ୍ରୀ ଏବଂ ପରିମଳ କର୍ମଚାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ ବଢ଼ାଇ ଜଳ ଜମିବା, ନାଳ ଅବରୋଧ, ସମସ୍ୟା ଓ ଗଛ ଉପୁଡ଼ିବା ଭଳି ଘଟଣାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏଥିସହ ଜିଲ୍ଲା ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଅନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ଶୀଘ୍ର ଓ ପ୍ରଭାବୀ ପଦକ୍ଷେପ ଗ୍ରହଣ ପାଇଁ ମଧ୍ୟ ୟୁଏଲ୍‌ବିଗୁଡ଼ିକୁ କୁହାଯାଇଛି ।ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସହରାଂଚଳ ଅଭିଯୋଗ ନିବାରଣ ହେଲ୍‌ପଲାଇନ 'ସହର ସାଥୀ-୧୯୨୯'କୁ ସକ୍ରିୟ କରାଯାଇଛି । ଜଳବନ୍ଦୀ, ଡ୍ରେନେଜ୍ ସମସ୍ୟା କିମ୍ବା ଅନ୍ୟାନ୍ୟ ନାଗରିକ ସମସ୍ୟା ନେଇ ଲୋକେ ଏହି ହେଲ୍‌ପଲାଇନରେ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ୪୨ ଲକ୍ଷ ଟଙ୍କାରୁ ଅଧିକ ହଡପ ଅଭିଯୋଗରେ ଦୁଇ ଯନ୍ତ୍ରୀ ଗିରଫ

ବାଲିଗୁଡା, ୦୧।୦୭:(ମହାଭାରତ ): ମନରେଗା ଯୋଜନାରେ ମହା ଦୁର୍ନୀତି ହୋଇଥିବା ଅଭିଯୋଗ ରେ ଓଡିଶା ଭିଜିଲାନ୍ସ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟାଗଡ଼ ବ୍ଲକର ଦୁଇ ଜଣ ଯନ୍ତ୍ରୀଙ୍କୁ ଗିରଫ କରିଛି କ୍ଷ ତୃଣମୂଳ ସ୍ତରରେ ଦୁର୍ନୀତି ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଓଡିଶା ଭିଜିଲାନ୍ସ କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ସହକାରୀ ଯନ୍ତ୍ରୀ (ଇର) ପ୍ରଶାନ୍ତ କୁମାର ପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ (ଔର) ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଉକ୍ତ ବ୍ଲକରେ ଗଏଘଜରଏ ଯୋଜନାରେ ଉନ୍ନୟନ ପ୍ରକଳ୍ପ ପାଇଁ



ଉଦ୍ଦିଷ୍ଟ ସରକାରୀ ପାଣ୍ଠିରେ ୪୨ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ହେରଫେର ସହିତ ଜଡିତ ଆର୍ଥିକ ଠକେଇ ଅଭିଯୋଗ ପରେ ଏହି ଗିରଫଦାରୀ ହୋଇଛି। ଧରାକୋଟ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଅମୃତ ସରୋବର (ପୋଖରୀ) ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏକ ବିସ୍ତୃତ ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ଥିଲା। ଏହି ଦୁର୍ନୀତି ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୫ -୨୬ ପର୍ଯ୍ୟନ୍ତ ତିନି ବର୍ଷ ଧରି ବ୍ୟାପିଥିଲା ??ବୋଲି ଅଭିଯୋଗ ହୋଇଛି। ବହୁ ପରିମାଣରେ ପାଣ୍ଠି ଯୋଗାଉଥିବା ଗ୍ରାମୀଣ ପ୍ରକଳ୍ପ ଗୁଡ଼ିକର ଭୂମିଗତ ବାସ୍ତବତା ମୂଲ୍ୟାଙ୍କନ କରିବା ପାଇଁ ଏକ ମିଳିତ ଭୌତିକ ଯାଞ୍ଚ ଏବଂ କଠୋର ବୈଷୟିକ ଯାଞ୍ଚ କରାଯାଇଥିଲା। ଏହି ତଥ୍ୟ ସରକାରୀ କାଗଜପତ୍ର ଏବଂ ସ୍ଥଳରେ ଥିବା ପ୍ରକୃତ ଭିତିଭୂମି ମଧ୍ୟରେ ଏକ ପାର୍ଥକ୍ୟକୁ ପ୍ରକାଶ କରିଥିଲା। ସରକାରୀ ରେକର୍ଡରୁ ଜଣାପଡିଛି ଯେ ପ୍ରକଳ୍ପଗୁଡ଼ିକ ପାଇଁ ୪୯, ୮୩, ୯୯୫ ଟଙ୍କା ସମ୍ପୂର୍ଣ୍ଣ ପ୍ରକ୍ରିୟାକରଣ ଏବଂ ଦେୟ କରାଯାଇଥିଲା। ବୈଷୟିକ ମୂଲ୍ୟାଙ୍କନରୁ ଜଣାପଡିଛି ଯେ ପ୍ରକୃତରେ ଭୂମିଗତ କାର୍ଯ୍ୟର ମୂଲ୍ୟ ମାତ୍ର ୭,୪୨,୩୫୭ ଟଙ୍କା ଥିଲା।

## ବିଧାନସଭାରେ କଫିଟେବୁଲ ବୁକ୍ ଉନ୍ମୋଚିତ ଏବଂ ଫିଜିଓଥେରାପି ସେଂଟର ଉଦ୍‌ଘାଟିତ

ଭୁବନେଶ୍ୱର,୧୭(ମହାଭାରତ): ଓଡ଼ିଶା ବିଧାନ ସଭା ପକ୍ଷରୁ ପ୍ରସ୍ତୁତ ଦୁଇଟି ମୂଲ୍ୟବାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କଫିଟେବୁଲ ବୁକ 'ପ୍ରିଜାଇଡିଂ ୱିଥ୍ ପରପୋଜ୍ - ଟୁ ଇୟରସ୍ ଲେଜିସଲେଟିଭ୍ ଜର୍ଣ୍ଣି ଅଫ୍ ସ୍ପିକର ସୁରମା ପାଢୀ ' ଏବଂ ' ଟୁ ଇୟରସ୍ ଅଫ୍ ଟ୍ରାନ୍ସଫରମେଟିଭକ ଲିଡରସିପ୍ ଅଣ୍ଡର ସ୍ପିକର ସୁରମା ପାଢୀ ' ଉନ୍ମୋଚନ କରିବା ସହିତ ଗୋଟିଏ ନୂଆ ଫିଜିଓଥେରାପି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ନେତୃତ୍ୱରେ ବିଗତ ଦୁଇ ବର୍ଷ ଭିତରେ ବିଧାନ ସଭାରେ ଅନେକ ଐତିହାସିକ ଘଟଣା ଘଟି ଯାଇଛି। ଅନେକ ପ୍ରଭାବଶାଳୀ ଆଇନ ପାରିତ ହେବା ସହ ବିଧାନସଭାର ସମସ୍ତ ପ୍ରକ୍ରିୟା ଡିଜିଟାଇଜ କରାଯାଇପାରିଛି । ତାଙ୍କର ଜ୍ଞାନ, ଅନୁଭବ ଓ ସଂସଦୀୟ ଗଣତନ୍ତ୍ରର ଗରିମା ପ୍ରତି ତାଙ୍କର ନିଷ୍ଠା ଆମ ଓଡ଼ିଶା ବିଧାନ ସଭାର ଦୁଇ ବର୍ଷର ଇତିହାସକୁ ଆହୁରି ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ।

ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ଓଡ଼ିଶା ବିଧାନସଭା ଏକ ଆଦର୍ଶ ବିଧାନ ସଭା ଭାବରେ ସବୁ ରାଜ୍ୟର ବିଧାନ ସଭା ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଣି କହିଥିଲେ ଯେ ଆଜି ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଧାନ ସଭାର ଦୁଇ ବର୍ଷର କାର୍ଯ୍ୟକଳାପକୁ ନିଖୁଣ ଭାବରେ ଫଟୋଚିତ୍ର ମାଧ୍ୟମରେ ପ୍ରକାଶ କରାଯାଇଛି ଏବଂ ଏହି ଦୁଇଟି ପୁସ୍ତକରେ ବିଧାନ ସଭାର ବିଭିନ୍ନ କାର୍ଯ୍ୟକ୍ରମ ସଠିକ୍ ଭାବେ ଚିତ୍ରଣ କରାଯାଇଛି। ସାଧାରଣ ଜନତା, ବୁଦ୍ଧିଜୀବୀ, ଗବେଷକ, ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତନ୍ତ୍ର ପ୍ରତି ଆଗ୍ରହ ବଢାଇବା ସହିତ ଆମ ବିଧାନ ସଭାର ଗରିମାକୁ ଏହି ପୁସ୍ତକଦ୍ୱୟ ଆହୁରି ଉଜ୍ଜ୍ୱଳ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ପୁସ୍ତକ ସଂପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବିଗତ ଦୁଇ ବର୍ଷ ମଧ୍ୟରେ ନୂତନ ବିଧାୟକମାନଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିର ଓ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ସୁନ୍ଦର ଚିତ୍ର ଏଥିରେ ସ୍ଥାନ ପାଇଛି । ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କ ଓଡ଼ିଶା ଆଗମନ ଏବଂ ବିଧାନ ସଭାରେ ତାଙ୍କର ପ୍ରଥମ ଅଭିଭାଷଣ ଓଡ଼ିଶାର ସଂସଦୀୟ ଇତିହାସର ଏକ ବିରଳ ଓ ଚିରସ୍ମରଣୀୟ ଘଟଣା । ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ତାଙ୍କର ପ୍ରେରଣାଦାୟୀ ଅଭିଭାଷଣର ଫଟୋଚିତ୍ର ସମସ୍ତଙ୍କୁ ନିଶ୍ଚିତ ରୂପେ ଉତ୍ସାହିତ କରିବ । ଆଗାମୀ ଦିନରେ ଏହି ପୁସ୍ତକ ଆମ ଯୁବପିଢ଼ି ଓ ଗବେଷକମାନଙ୍କ ପାଇଁ ଏକ ଅମୂଲ୍ୟ ପୁସ୍ତକ ହେବା ସହିତ ଓଡ଼ିଶା ବିଧାନସଭାର ଯଶ ଓ ଗୌରବକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବୁଧବାର ବିଧାନ ସଭା ପରିସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନୂଆ ଭାବେ ଆରମ୍ଭ ହୋଇଥିବା ଫିଜିଓଥେରାପି ସେଂଟରରେ କ୍ୟାପିଟାଲ ହସ୍‌ପିଟାଲ ଏବଂ ଏନଆଇଆରଟିଏଆର ଡାକ୍ତର ଓ ପାରାମେଡିକାଲ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହି ଫିଜିଓଥେରାପି କେନ୍ଦ୍ର ମାଧ୍ୟମରେ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ସେମାନଙ୍କ ସମ୍ପର୍କୀୟ ଏବଂ ଓଡ଼ିଶା ବିଧାନ ସଭା ଅଧିକାରୀ ଓ କର୍ମଚାରୀମାନେ ଉପକୃତ ହେବେ ବୋଲି କହିଛନ୍ତି ।



ବୟୋଜ୍ୟେଷ୍ଠ ପୂର୍ବତନ ବିଧାୟକମାନେ ଏହା ମାଧ୍ୟମରେ ବହୁଳ ଭାବେ ଉପକୃତ ହେବେ ବୋଲି ସେ ଖୁସି ବ୍ୟକ୍ତ କରିଛନ୍ତି ।

ବାଚସ୍ପତି ଶ୍ରୀମତୀ ପାଢ଼ୀ ନିଜ ବକ୍ତବ୍ୟରେ ପୁସ୍ତକ ସଂପର୍କରେ ଅଭିମତ ରଖି କହିଛନ୍ତି ଯେ କଫି ଟେବୁଲ୍ ବୁକ୍ ରେ ବିଗତ ଦୁଇବର୍ଷରେ ବିଧାନସଭାର କାର୍ଯ୍ୟକ୍ରମ ସମ୍ବଳିତ ଫଟୋଚିତ୍ର ସ୍ଥାନ ପାଇଛି । ନୂତନ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ବିଧାନସଭାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ, ଜନକଲ୍ୟାଣକାରୀ ଆଇନ ପ୍ରସ୍ତୁତ କାର୍ଯ୍ୟକ୍ରମ, ପାଟନା, ଲକ୍ଷ୍ନୌ, ଜୟପୁର ଓ ମୁମ୍ବାଇ ଠାରେ ଅନୁଷ୍ଠିତ ସର୍ବଭାରତୀୟ ପିଠାସୀନ ଅଧିକାରୀମାନଙ୍କର ସମ୍ମିଳନୀ ସମ୍ପର୍କିତ ବିଶଦ ଫଟୋ ଓ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଏହି ପୁସ୍ତକରେ ବିଧାନସଭା ତରଫରୁ ଲୋକସେବା ଭବନରେ ଅନୁଷ୍ଠିତ ସର୍ବଭାରତୀୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସମ୍ମିଳନୀ ଏବଂ ପୁରୀଠାରେ ଦଳବଦଳ ନିରୋଧ ଆଇନର ତର୍ଜମା ନିମିତ ଅନୁଷ୍ଠିତ ସମ୍ମିଳନୀ, ତଥା ବିଗତ ଦୁଇବର୍ଷ ମଧ୍ୟରେ ବିଭିନ୍ନ ରାଜ୍ୟ ବିଧାନସଭାର କମିଟିମାନଙ୍କର ଆଗମନର ଫଟୋଚିତ୍ର ସ୍ଥାନିତ କରାଯାଇଛି । ଏହି ସମୟ ମଧ୍ୟରେ ବିଧାନସଭାର ବିଧାୟକ, ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଫଟୋଚିତ୍ର ମଧ୍ୟ ସ୍ଥାନ ପାଇଛି ।

ବାଚସ୍ପତି ଶ୍ରୀମତୀ ପାଢ଼ୀ ଆହୁରି ମଧ୍ୟ କହିଛନ୍ତି ଯେ ବିଧାନସଭାକୁ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ପାଇଁ କମନୱେଲଥ ପାର୍ଲାମେଂଟାରୀ ଆସୋସିଏସନ୍ ର ବାର୍ଷିକ ସମ୍ମିଳନୀରେ ବିଧାନସଭା ତରଫରୁ ଯୋଗଦାନ ଓ ବିଭିନ୍ନ ଗଣତାନ୍ତ୍ରିକ ବିଧି, ବ୍ୟବସ୍ଥା ଉପରେ ଆଲୋଚନା ଇତ୍ୟାଦିର ଫଟୋଚିତ୍ର ଏହି ପୁସ୍ତକକୁ ଅଧିକ ଋଦ୍ଧିମନ୍ତ କରିଛି । ମାନ୍ୟବର ରାଷ୍ଟ୍ରପତିଙ୍କର ଓଡ଼ିଶା ଆଗମନ ଏବଂ ଓଡ଼ିଶା ବିଧାନସଭାରେ ତାଙ୍କର ପ୍ରଥମ ଅଭିଭାଷଣର ଫଟୋଚିତ୍ର ଏହି ପୁସ୍ତକକୁ ଅଧିକ ଋଦ୍ଧିମନ୍ତ କରିଛି ବୋଲି ବାଚସ୍ପତି ଉଲ୍ଲେଖ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିଧାୟକଗଣ, ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



# ଗୀତା ମାହାତ୍ମ୍ୟ: ସ୍ୱଧର୍ମ କଲ୍ୟାଣକର

ଜୀବ ଅନାସକ୍ତ ହୋଇ ଈଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରି କର୍ମ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେବା ସହ ପ୍ରକୃତିର ନୀତି ନିୟମ ଅନୁସାରେ ନିଜ ଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି । ଯେଉଁ ମଣିଷ ଦୋଷଦୃଷ୍ଟି ରହିତ ହୋଇ ଶ୍ରଦ୍ଧାଯୁକ୍ତ ଓ ଅନାସକ୍ତ ଭାବେ କର୍ମ କରେ ସେ କର୍ମବନ୍ଧନରୁ ମୁକ୍ତି ପାଇ ପାରିବ । କିନ୍ତୁ ଯେଉଁ ମନୁଷ୍ୟ ଈଶ୍ୱରଙ୍କ ଠାରେ ଦୋଷାରୋପ କରି ଅନାସକ୍ତ ଭାବେ କର୍ମ ନକରି କର୍ମଫଳକୁ ଆଖିରେ ରଖି କର୍ମକରନ୍ତି ସେ ବ୍ୟକ୍ତି ନଷ୍ଟ ହୋଇଯାଆନ୍ତି ବୋଲି ଭଗବାନ କହିଛନ୍ତି । ଆସକ୍ତିଯୁକ୍ତ ମନୁଷ୍ୟକୁ ମୂର୍ଖ ଓ ମୂଢ଼ ବୋଲି ମଧ ଭଗବାନ ମତ ଦେଇଛନ୍ତି। ସମସ୍ତ ବ୍ୟକ୍ତି ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି । କିନ୍ତୁ



ଜ୍ଞାନବାନ୍ ବ୍ୟକ୍ତିମାନେ ନିଜ ପ୍ରକୃତି ଅନୁସାରେ କର୍ମ କରନ୍ତି । ଇନ୍ଦ୍ରିୟ ମଧ୍ୟରେ ରୋଗ ଓ ଦ୍ୱେଷ ଲୁଚି ରହିଥିବାରୁ ମନୁଷ୍ୟ ଇନ୍ଦ୍ରିୟ କବଳରୁ ମୁକ୍ତ ହେବା ସହ ରୋଗ ତଥା ଦ୍ୱେଷରୁ ମୁକ୍ତ ରହିବା ଆବଶ୍ୟକ । କାରଣ ରୋଗ ଓ ଦ୍ୱେଷ ମନୁଷ୍ୟର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟିକରେ ଓ ଏହା ମଣିଷର ବିରାଟ ଶତ୍ରୁ ବୋଲି ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଏହା ସହ କହିଛନ୍ତି: ସ୍ୱଧର୍ମ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ ଅର୍ଥାତ୍ ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ ସ୍ୱଧର୍ମ ଅଧିକ ମଙ୍ଗଳକାରୀ । ସ୍ୱଧର୍ମ ପାଳନରେ ମୃତ୍ୟୁ ବି କଲ୍ୟାଣକର କିନ୍ତୁ ଅନ୍ୟଧର୍ମ ଭୟାବହ ବା ଭୟଙ୍କର କ୍ଷତିକାରକ ବୋଲି ଭଗବାନ ମତ ଦେଇଛନ୍ତି । ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଯେ, ନିଜ କର୍ମ ସବୁ ସମୟରେ କଲ୍ୟାଣଜନକ ଓ ଅନ୍ୟର କର୍ମକୁ ଲୋଭ, ମୋହବଶତଃ ଅପଣେଇ ନେବା ଭୟାବହ ବା କ୍ଷତିକାରକ । ଭଗବାନଙ୍କର ଏପରି କଥା ଶୁଣି ଅର୍ଜୁନ ପ୍ରଶ୍ନ କଲେ, ମନୁଷ୍ୟ ସ୍ୱୟଂ ଇଚ୍ଛା ନକରି ବି କାହାଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ ? ଭଗବାନ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, 'ରଜୋଗୁଣରୁ ଉତ୍ପନ୍ନ ହୁଏ କାମ ଓ କ୍ରୋଧ । ଯେତେ ଭୋଗ କଲେ ବି କାମ ବା କାମନାର ବିନାଶ ହୁଏନାହିଁ । ତେଣୁ ଏହି କାମ ବା କାମନା ହିଁ ମଣିଷର ଆଉ ଏକ ବଡ଼ ଶତ୍ରୁ ଅଟେ' । ଏଥିସହ ଭଗବାନ ଅର୍ଜୁନଙ୍କୁ ପୁନର୍ବାର କହିଛନ୍ତି, 'ଅଗ୍ନି ଯେପରି ଧୂଆଁ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ ସେହିପରି ଜ୍ଞାନ, କାମ ବା କାମନା ଦ୍ୱାରା ଆବୃତ ହୋଇ ରହିଥାଏ' । 'ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବାସସ୍ଥାନ ହୋଇଥିବାରୁ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରିଥାଏ । ଇନ୍ଦ୍ରିୟ ସ୍ଥୂଳ ଶରୀରଠାରୁ ଶ୍ରେଷ୍ଠ, ବଳବାନ ଓ ସୂକ୍ଷ୍ମ ହୋଇଥିବା ବେଳେ ଇନ୍ଦ୍ରିୟଙ୍କ ଠାରୁ ମନ ଶ୍ରେଷ୍ଠ, ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଠାରୁ ଆତ୍ମା ଶ୍ରେଷ୍ଠ ହୋଇଥିବାରୁ ବୁଦ୍ଧି ଦ୍ୱାରା ମନକୁ ବଶ କରି କାମ ବା କାମନା ରୂପକ ଦୁର୍ଜୟ ଶତ୍ରୁକୁ ମାରିଦେବା ଉଚିତ' । ତେଣୁ ଇନ୍ଦ୍ରିୟ ଦ୍ୱାରା ବଶବର୍ତ୍ତୀ ହୋଇ ରହିଥିବା କାମନା, ଆସକ୍ତି, ମନକୁ ଜୟ କରି ନିରାସକ୍ତ ଭାବେ ନିଜ କର୍ତ୍ତବ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେଇଛନ୍ତି ।

# ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା

ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ସେହିପରି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଧ ପୁରାଣରେ



ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧ୍ୟମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି । ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।


# କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍

ନୟାଗଡ ଜିଲ୍ଲା କର୍ଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜ୍ଲିଲ୍ଲା କଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍ୱଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ



ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ ।କିମ୍ବଦନ୍ତୀ କହେ କର୍ଣ୍ଟିଲୋ ଅଂଚଳ କଣ୍ଢେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ। ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଇ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଇ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବର୍ଷି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ନିର୍ମାଣ କରିଥିଲେ ଇତିହାସ ନିରବ।


# ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ




ବାସ୍ତୁର ଏହି ନିୟମ କୃଷ୍ଣଙ୍କ ବାଲ୍ୟକାଳ ଅନେକ ଲୀଳା ବିଷୟରେ ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଯାହାକୁ ପଢ଼ି କିମ୍ବା ଶୁଣି କେହି ବି ଭାବବିଭୋର ହୋଇଯିବେ। ଏହା ତାଙ୍କର ଯାଦୁ ହିଁ ଥିଲା। ତାଙ୍କର ଦୁଷ୍ଟାମୀକୁ ଦେଖିବା ଏବଂ ପୁଣି ତାଙ୍କୁ କ୍ଷମା କରିବାକୁ ଲୋକ ବ୍ୟାକୁଳ ରହୁଥିଲେ। ଯଦି ଆପଣ କୃଷ୍ଣଙ୍କ ବାଲ୍ୟଭୂମି ଗୋକୁଳ ନଗରୀ ବିଷୟରେ ଜାଣିବାକୁ ଚାହାନ୍ତି, ତେବେ ଆପଣଙ୍କୁ ନିଜ ଭିତରେ ଏକ ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିବାକୁ ହେବ। ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ- ତାଙ୍କର ମନମୋହକ ଚେହେରା, ଅନୁପମ ହସ, ବଂଶୀ ଓ ତାଙ୍କ ନୃତ୍ୟ ଏପରି ଥିଲା ଲୋକମାନେ ଆନନ୍ଦରେ ବୁଡିଯାଉଥିଲେ। ଏହା ଏପରି ଆନନ୍ଦ ଥିଲା, ଯାହାକୁ ସେମାନେ ପୂର୍ବରୁ କେବେ ଜାଣିନଥିଲେ। ସେ ସମ୍ପର୍କକୁ ଏତେ ନିବିଡ କରିଦେଉଥିଲେ ଯେ, ଲୋକ ତାଙ୍କପାଇଁ ପାଗଳ ହେଇଯାଉଥିଲେ। କୃଷ୍ଣଙ୍କ ବାଲ୍ୟକାଳ ଅନେକ କିଛି କୁହାଯାଇଛି ଏବଂ ଲେଖାଯାଇଛି। ତାଙ୍କ ଉପରେ ଅସଂଖ୍ୟ ଗୀତ ମଧ ଲେଖାଯାଇଛି । ଏହି କଥା ପାଖାପାଖି ୩୫୦୦ ବର୍ଷ ପୁରୁଣା, ଯାହା ଏପରି ଲାଗୁଛି ଯେମିତି ଏହା କାଲିର ଘଟଣା। ଗାଈ ଚରାଇବା ଏବଂ ଉପରେ ଶିକା ମାଠିଆ ତାଙ୍କ ବାଲ୍ୟକାଳ ସହ ଯୋଡ଼ିହୋଇରହିଛି। ଏହା ସବୁ ଗ୍ରାମୀଣ ସଂସ୍କୃତିରେ ମହତ୍ୱପୂର୍ଣ୍ଣ ଅଂଶ ରହିଛି। ଆଜି ମଧ ଭାରତର ଗ୍ରାମୀଣ ଗାଁଗୁଡ଼ିକରେ ଦହି ଓ ଲହୁଣି ଉଚ୍ଚ ଶିକାରେ ମାଠିଆରେ ରଖାଯାଇଥାଏ। ଯାହାକି ପଶୁ ଓ ପିଲାଙ୍କ ଠାରୁ ଦୂରେଇ ରଖାଯାଇଥାଏ। କିନ୍ତୁ କୃଷ୍ଣ ବଡ଼ ଖୁସିରେ କହୁଥିଲେ ମୁଁ ଲବଣି ଚୋରି କରିଛି। ଯଦି ମୁଁ ଲବଣୀ ଚୋରି ନ କରିବି, ତେବେ ଗାଁ ଲୋକଙ୍କୁ ଆନନ୍ଦ ଆସିବ ନାହିଁ। କୃଷ୍ଣ ଏବଂ ତାଙ୍କ ମିତ୍ର ଲୋକଙ୍କ ଛପର ଖୋଲି ଘରେ ପଶିଯାଉଥିଲେ। ମାଠିଆ ଉଚ୍ଚରେ ଟଙ୍ଗା ଯାଇଥିବା କାରଣରୁ ଜଣେ ଆରଜଣଙ୍କ କାନ୍ଧରେ ଚଢ଼ି ଲବଣି ଚୋରି କରୁଥିଲେ। ଯଦି ମାଠିଆ ବହୁ ଉଚ୍ଚରେ ରହୁଥିଲ. ତେବେ ସେମାନେ ପଥର ମାରି କଣା କରିଦେଉଥିଲେ। ଏହାଦ୍ୱାରା ଦହି କିମ୍ବା ଲବଣି ବୋହୁଥିଲା ଏବଂ ସେମାନେ ତଳେ ପାଟିଖୋଲି ଠିଆହେଇଯାଉଥିଲେ। ବେଳେବେଳେ ମାଠିଆ ପୂରା ଭାଙ୍ଗିଯାଉଥିଲା ଏବଂ ଭୂମିରୁ ଉଠାଇ ସେମାନେ ଖାଇବା ଆରମ୍ଭ କରିଦେଉଥିଲେ। ସେମାନେ ଏହି ଦହି ଓ ଲବଣିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ। ଏହି କଥାକୁ ନେଇ କିଛି ମହିଳା ଅସନ୍ତୁଷ୍ଟ ଥିଲେ ତ ଆଉ କିଛି କ୍ରୋଧିତ ହୋଇଯାଉଥିଲେ। କାରଣ ଲବଣି ତାଙ୍କର ଜୀବିକା ଥିଲା। ସେମାନେ ଲଗାତାର କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରୁଥିଲେ। କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରିବା ପାଇଁ ପହଞ୍ଚିବା ସମୟରେ ସେ ନିଜ ମାତାଙ୍କ ପଛରେ ଲୁଚିଯାଉଥିଲେ। ଗୋପୀମାନଙ୍କୁ ନିରୀହ ନଜରରେ ଚାହୁଁଥିଲେ। ଯାହାଫଳରେ ସମସ୍ତ ଗୋପୀ ହସିଦେଉଥିଲେ।

# ଶିବଙ୍କୁ ସନ୍ତୁଷ୍ଟ କରିବା ଲାଗି ଶ୍ରୀକୃଷ୍ଣଙ୍କ ତପସ୍ୟା

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ





। ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

# ସମବାୟ ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୧୭ (ମହାଭାରତ):** ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥିତ ସମବାୟ ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଦ୍ୱାରା ନୂତନ ଭାବରେ ପ୍ରତିଷ୍ଠିତ ସମବାୟ ମନ୍ତ୍ରଣାଳୟର ପାଞ୍ଚ ବର୍ଷ ପୂର୍ତ୍ତି ଅବସରରେ ଜନସାଧାରଣଙ୍କୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବା ପାଇଁ ତା୨୯/୦୬/୨୦୨୬ ରିଖ ଠାରୁ ୦୬/୦୭/୨୦୨୬ରିଖ ପର୍ଯ୍ୟନ୍ତ ଭାରତ ସରକାର ସମବାୟ ବିଭାଗର ସୁଫଳକୁ ଦେଶର ପ୍ରତିଟି ପ୍ରାନ୍ତରରେ ପହଞ୍ଚାଇବା ନିମନ୍ତେ ଏକ ବୃହତ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନର ଲକ୍ଷ୍ୟ ହେଉଛି ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ବିକାଶ , କୃଷକଙ୍କୁ ସମ୍ମାନ, ବୃକ୍ଷରୋପଣ ମାଧ୍ୟମରେ ସବୁଜ ସମବାୟ ସୃଷ୍ଟି, ସମବାୟ ପରିସରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ, ଯୁବକ ଓ ମହିଳାମାନଙ୍କୁ ସଂଯୋଗ କରିବା, ନୂତନ ପିଢ଼ି ପାଇଁ ନୂଆ ସମବାୟ ଗଠନ, କୃତ୍ରିମ ବୁଦ୍ଧିମତା ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଭଳି ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଉକ୍ତ ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି ।

ଏହି ଉଦ୍ ?ଘାଟନୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ ପ୍ରଦିପ ବଳସାମନ୍ତ, ମନ୍ତ୍ରୀ, ସମବାୟ,ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର । ସର୍ବପ୍ରଥମେ ସମବାୟ ମନ୍ତ୍ରୀ ସମବାୟ ଭବନ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ସମବାୟ ଭବନଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସମବାୟ ମନ୍ତ୍ରୀପ୍ରଦିପ ବଳ ସାମନ୍ତ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ, ମନୀଷ ଅଗ୍ରୱାଲ, ଆଇ.ଏ.ଏସ୍ ?, ଅନ୍ୟତମ ସମ୍ମାନିତ ଅତିଥିଭାବରେ ନିର୍ଦ୍ଦେଶକ, କୃଷି ବିପଣନ ଏବଂ ମେମ୍ବର ସେକ୍ରେଟାରୀ,ଓସ୍ ?ମା ବୋର୍ଡ କେ.ସୁଦର୍ଶନ ଚକ୍ରବର୍ତ୍ତି ,ଆଇ.ଏ.ଏସ ଯୋଗଦାନ କରିଥିଲେ ଏବଂ ସଭାପତିତ୍ୱ କରିଥିଲେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ । ସମବାୟ ମନ୍ତ୍ରୀ ତାଙ୍କ ଅଭି ଭାଷଣରେ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟି ଚିନ୍ତାଧାରା ସମବାୟରୁ ସମୃଦ୍ଧି ଅଭିଯାନକୁ ରାଜ୍ୟରେ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ସମସ୍ତ ପ୍ରୟାସ କରିବା ସହିତ ଏହି ଅଭିଯାନକୁ ଫଳପ୍ରଦ କରିବା ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଓଡ଼ିଶାର ପ୍ରତିଟି ପଞ୍ଚାୟତରେ ଗୋଟିଏ ଗୋଟିଏ କୃଷିରଣ ସମବାୟ ସମିତି / ଦୁଗ୍ଧ ସମବାୟ ସମିତି / ମତ୍ସ୍ୟ ସମବାୟ ସମିତି ଗଠନ ହେବା ପ୍ରକ୍ରିୟା ଜାରି ରହିଛି । ପ୍ୟାକ୍ ?ସ ଗୁଡ଼ିକୁ ଏମ୍ ?-ପ୍ୟାକ୍ସରେ ପରିଣତ କରାଇ ଏହା ମାଧ୍ୟମରେ ବିଭିନ୍ନ ବ୍ୟବସାୟିକ ତଥା ଉତ୍ପାଦନକ୍ଷମ କାର୍ଯ୍ୟମାନ ହାତକୁ ନିଆଯାଇଛି । ଜାତୀୟ ସମବାୟ ନୀତି-୨୦୨୫ ସହିତ ସମନ୍ୱୟ ରଖି ଓଡ଼ିଶା ସମବାୟ ନୀତି-୨୦୨୬ ପ୍ରସ୍ତୁତ ହୋଇଛି । ସମବାୟ ସମିତି ସମୂହର ନିବନ୍ଧକ ଶ୍ରୀଯୁକ୍ତ ମନୀଷ୍ ଅଗ୍ରୱାଲ ତାଙ୍କ ଅଭିଭାଷଣରେ କହିଥିଲେ ଯେ ସମବାୟ ଅନୁଷ୍ଠାନ ଗୁଡିକୁ କିପରି ଲାଭାନ୍ୱିତ ସଂସ୍ଥାରେ ପହଞ୍ଚା ଯାଇପାରିବ ତାହା ଉପରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ଓଡ଼ିଶାର କୃଷି ବିପଣନ ନିର୍ଦ୍ଦେଶକ ତଥା ଓସ୍ ?ମା ବୋର୍ଡର ମେମ୍ବର ସେକ୍ରେଟାରୀ କେ.ସୁଦର୍ଶନ ଚକ୍ରବର୍ତ୍ତି କହିଥିଲେ ଯେ ଓଡ଼ିଶାର ସମବାୟ ଆନ୍ଦୋଳନକୁ ଆଜି ଅଧିକରୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭିତ୍ତିଭୂମିର ବିକାଶ ଏକାନ୍ତ ଆବଶ୍ୟକ ।

# ସ୍କୁଲ ବହିରେ ତ୍ରୁଟି : ସରକାରଙ୍କୁ ସମାଲୋଚନା କଲେ ନବୀନ

**ଭୁବନେଶ୍ୱର,୧୭ (ମହାଭାରତ):** ସ୍କୁଲ ବହିରେ ତ୍ରୁଟିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି । ଭୁଲ୍ ବହି ଯୋଗୁଁ ପିଲା ମାନଙ୍କର ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି, । ଏହା ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି । ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପୀଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତରଦାୟୀ କିଏ ହେବ ? ବୋଲି ପ୍ରଶ୍ନ କରିଛନ୍ତି ନବୀନ । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ଲେଖିଛନ୍ତି ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ । ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ । ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ । ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପୀଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ । ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି, କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି । ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି । ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତାବହ । ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି । ସରକାର ହୁଏତ ପରବର୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି । କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପୀଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତରଦାୟୀ କିଏ ହେବ ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା'କୁ କ'ଣ କୌଣସି ସଂଶୋଧନ କେବେ ଭରିପାରିବ ?

# ସାର ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନା ମଞ୍ଜୁରୀ

**ଭୁବନେଶ୍ୱର,୧୭ (ମହାଭାରତ):** ସମବାୟ ସମିତିଗୁଡ଼ିକ ଦ୍ୱାରା ସାର ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ରାଜ୍ୟର ଚାଷୀମାନଙ୍କୁ ସଠିକ୍ ସମୟରେ ସାର ଉପଲବ୍ଧ କରାଇବା ଏବଂ ସେମାନଙ୍କୁ କଳାବଜାରୀରୁ ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସମବାୟ ବିଭାଗ ଦ୍ୱାରା ଏକ ନୂତନ ଯୋଜନାର କାର୍ଯ୍ୟକାରିତାକୁ ଅନୁମୋଦନ କରିଛନ୍ତି, ଯାହା ଚାଷୀମାନଙ୍କୁ ସାର ବଣ୍ଟନ ପ୍ରକ୍ରିୟାକୁ ସହଜ ଓ ସୁଗମ କରିବ । ସମବାୟ ବିଭାଗର କମିଶନର-ତଥା-ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟିର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନୂତନ ରାଜ୍ୟ ଯୋଜନାର ନାମ ହେଉଛି 'ସାରର ପୂର୍ବ-ମହଜୁଦ (ପ୍ରି-ପୋଜିସନିଂ) ପାଇଁ କ୍ୟାଶ୍ କ୍ରେଡିଟ୍ ଋଣ ଉପରେ ସୁଧ ରିହାତି ।' ଏଠାରେ ଉଲ୍ଲେଖ କରାଯାଇପାରେଯେ, ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରିସାରିଛି । ଏହି ଯୋଜନା ସମବାୟ ସମିତିଗୁଡ଼ିକର ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ କରିବ । ସାଧାରଣତଃ ଚାଷ ସମୟ ପୂର୍ବରୁ (ଅଗ୍ରୀମ ଭାବେ) ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ସୁଧ ବୋଝ ପଡ଼ିଥାଏ । କ୍ୟାଶ୍ କ୍ରେଡିଟ୍ ଋଣ ଉପରେ ୧୦୦ପ୍ରତିଶତ ସୁଦ୍ଧ ରିହାତି ପ୍ରଦାନ କରି ରାଜ୍ୟ ସରକାର ଏହି ଆର୍ଥିକ ବାଧାକୁ ଦୂର କରୁଛନ୍ତି, ଯାହାଦ୍ୱାରା ସମବାୟ ସମିତିଗୁଡ଼ିକ ପାଇଁ ସାରର ଅଗ୍ରୀମ ମହଜୁଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ସୁଦ୍ଧ-ମୁକ୍ତ ହୋଇପାରିବ । ୬୦ପ୍ରତିଶତ ବଜାର ଅଂଶଧନ ହାସଲ ଲକ୍ଷ୍ୟ: ବେସରକାରୀ ଚ୍ୟାନେଲ ଦ୍ୱାରା ହେଉଥିବା ସାରର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ, ସମବାୟ କ୍ଷେତ୍ର ମାଧ୍ୟମରେ ସାର ବଣ୍ଟନ ପରିମାଣକୁ ବର୍ତ୍ତମାନର ୨୫-୩୦ପ୍ରତିଶତ ରୁ ବୃଦ୍ଧି କରି ଖରିଫ ୨୦୨୬ ରୁ ୬୦ପ୍ରତିଶତକୁ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଆର୍ଥିକ ବ୍ୟୟବରାଦ: ପାଞ୍ଚ ବର୍ଷ ଅବଧି (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ସର୍ବମୋଟ ୪୨.୦୦ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରାଯାଇଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାରମ୍ଭିକ ଭାବେ ୫.୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

# ରାଜସ୍ୱ ସେବା ପ୍ରଶିକ୍ଷାର୍ଥୀଙ୍କ ସହିତ ରାଜ୍ୟପାଳଙ୍କ ଭାବ ବିନିମୟ

**ଭୁବନେଶ୍ୱର,୧୭ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ମଙ୍ଗଳବାର ଦିନ ଓଡ଼ିଶା ରାଜସ୍ୱ ସେବା (୨୦୨୩ ବ୍ୟାଚ୍) ପ୍ରଶିକ୍ଷାର୍ଥୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଜ୍ଞାନ ଅର୍ଜନ କରି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ଭାବରେ କାର୍ଯ୍ୟ କରି ସେବା ପ୍ରଦାନକୁ ଉନ୍ନତ କରିବାକୁ ଆହ୍ୱାନ ଜଣାଇଛନ୍ତି ।

ଲୋକ ଭବନସ୍ଥିତ ନ୍ୟୁ ଅଭିଷେକ୍ ହଲ୍ ?ରେ ରାଜସ୍ୱ ଅଧିକାରୀ ତାଲିମ୍ ପ୍ରତିଷ୍ଠାନ (ଆରଓଟିଆଇ) ର ୭୧ ଜଣ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରି ରାଜ୍ୟପାଳ କହିଥିଲେ ଯେ, ଅଧିକାରୀମାନେ ନିଜ କାର୍ଯ୍ୟର ପ୍ରକାର ନିର୍ବିଶେଷରେ ନୀତି ଲକ୍ଷ୍ୟ ଏବଂ ତୃଣମୂଳସ୍ତରର ବାସ୍ତବତା ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ହେବା ଉଚିତ । ଏହା ଦ୍ୱାରା କଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା ନିଶ୍ଚିତ ହୋଇପାରିବ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସର୍ବାଧିକ ଲାଭ ପହଞ୍ଚି ପାରିବ । ରାଜସ୍ୱ ଅଧିକାରୀ



ତାଲିମ୍ ପ୍ରତିଷ୍ଠାନ (ଆରଓଟିଆଇ) ଦ୍ୱାରା ପ୍ରସ୍ତୁତ ସରକାରୀ ଯୋଜନାଗୁଡ଼ିକର ସଂକଳନ ପୁସ୍ତିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ପିଏମଏସବିୱାଇ , ପିଏମଜେଜେବିୱାଇ , ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକ ବିଷୟରେ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ । ସଚେତନ ଅଧିକାରୀମାନେ ଲୋକସେବା ବ୍ୟବସ୍ଥାକୁ ମଜବୁତ କରିବା ଏବଂ ସମସ୍ତ ଯୋଗ୍ୟ ଜନସାଧାରଣଙ୍କ ପାଖରେ ଲାଭ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ପ୍ରଶିକ୍ଷାର୍ଥୀମାନେ ନିଜେ ପ୍ରଯୁଜ୍ୟ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକରେ ଅନ୍ତର୍ଭୁକ୍ତ ହେବା ସହିତ ସାଧାରଣ ଲୋକଙ୍କ ମଧ୍ୟରେ ଏହି ଯୋଜନାଗୁଡ଼ିକରେ ଅଧିକ ଅନ୍ତର୍ଭୁକ୍ତ ହେବ ନିମନ୍ତେ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ । ସାମ୍ପ୍ରତିକ ସମୟରେ ଦେଖା ଯାଇଥିବା ଆର୍ଥିକ ଆହ୍ୱାନ ବିଷୟରେ ଉଲ୍ଲେଖ କରି ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଅପରିଶୋଧିତ ତୈଳ ଆମଦାନୀ ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ପ୍ରଭାବ ବିଷୟରେ ରାଜ୍ୟପାଳ ଆଲୋଚନା କରିଥିଲେ । ଭାରତ ବିଦେଶୀ ମୁଦ୍ରାର ଏକ ବଡ଼ ଅଂଶ ତୈଳ ଆମଦାନୀରେ ଖର୍ଚ୍ଚ କରୁଥିବାରୁ ବ୍ୟକ୍ତିଗତ ସ୍ତରରେ ଆଚରଣଗତ ପରିବର୍ତ୍ତନ ମାଧ୍ୟମରେ ଆର୍ଥିକ ଚାପ ହ୍ରାସ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ । ପେଟ୍ରୋଲ ଓ ଡିଜେଲ ଉପରେ ନିର୍ଭରଶୀଳତା କମ କରି କ୍ରମଶଃ ବୈଦ୍ୟୁତିକ ଗତିଶୀଳତା ଆଡ଼କୁ ପରିବର୍ତ୍ତନ କରିବାକୁ ରାଜ୍ୟପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଜନଜାତି ସମୁଦାୟର ବିକାଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବା

**ଭୁବନେଶ୍ୱର,୧୭ (ମହାଭାରତ):** ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ (ସିଟିୟୁଏପି)ର ପ୍ରଥମ ସମାବର୍ତନ ସମାରୋହରେ ଯୋଗଦେଇ ଡିଗ୍ରୀ ହାସଲ କରିଥିବା ପ୍ରଥମ ବ୍ୟାଚ୍ ର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସାରସ୍ୱତ ସମାରୋହରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜନଜାତି ସମୁଦାୟର ବିକାଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ସଂକଳ୍ପକୁ ସାକାର କରିବା ପାଇଁ ଆମ ସମସ୍ତଙ୍କୁ ଉତ୍କର୍ଷତା ଆଡ଼କୁ ଅଗ୍ରସର ହେବାକୁ ପଡିବ । ସେହିପରି ମାନ୍ୟବର ରାଷ୍ଟ୍ରପତିଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀମାନେ ନିଜର ସଂସ୍କୃତି, ପରମ୍ପରା ଓ ସମୁଦାୟ ସହ ଜଡ଼ିତ ରହି ସମାଜର କଲ୍ୟାଣ ତଥା ଜନଜାତି ଭାଇଭଉଣୀଙ୍କ ଜୀବନଜୀବିକାର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ । ସେ ଆହୁରି କହିଛନ୍ତି



ଯେ, ୨୦୨୩ ମସିହାରେ ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ରହିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । ମାତ୍ର କେଇ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍ ?ର ଶିକ୍ଷାର୍ଥୀମାନଙ୍କୁ ଡିଗ୍ରୀ ଗ୍ରହଣ କରୁଥିବାର ଦେଖିବା ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ । ଏହା ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ଏବଂ ଉଲ୍ଲେଖନୀୟ ପ୍ରଗତିର ପ୍ରମାଣ । ଭାରତର ପାରମ୍ପରିକ ଜନଜାତି ଜ୍ଞାନର ସଂରକ୍ଷଣ କରିବା ଏବଂ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏହି କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ 'ଜାତୀୟ ଶିକ୍ଷା ନୀତି'ର ପ୍ରକୃତ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ।

ଏହି ଗସ୍ତ ଅବସରରେ କେନ୍ଦ୍ର ମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶର ଆଇଟି ଓ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ନାରା ଲୋକେଶ 'ପିଏମ୍ ଶ୍ରୀ ଆନ୍ଧ୍ରପ୍ରଦେଶ ମଡେଲ ସ୍କୁଲ୍'ର କୋମଳମତି ଶିକ୍ଷାର୍ଥୀମାନଙ୍କ ସହ ଏକ ଭର୍ଚ୍ଚୁଆଲ୍ ସେସନ୍ ରେ ଆଲୋଚନା କରିଥିଲେ । ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ଆତ୍ମବିଶ୍ୱାସ ଏବଂ ବୈଷୟିକ ଜ୍ଞାନକୌଶଳର ବ୍ୟବହାରକୁ ଦେଖି ଶ୍ରୀ ପ୍ରଧାନ ଖୁସିପ୍ରକାଶ କରିଥିଲେ । ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷାକୁ ଅଧିକ ଆକର୍ଷଣୀୟ ଓ ସହଜଲବ୍ଧ କରାଯାଉଥିବାରୁ ଏହା ଆଗାମୀ ଦିନରେ ଏକ ଭବିଷ୍ୟତ-ଉପଯୋଗୀ ପିଢ଼ି ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସମାବର୍ତନ ସମାରୋହରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଶ୍ରୀ ଏସ୍. ଅବଦୁଲ ନଜିର, ରାଜ୍ୟ ମାନବ ସମ୍ବଳ ବିକାଶ ମନ୍ତ୍ରୀ, ମହିଳା, ଶିଶୁ ଓ ଜନଜାତି କଲ୍ୟାଣ ମନ୍ତ୍ରୀ, ବିଶ୍ୱବିଦ୍ୟାଳୟର କୁଳାଧିପତି ଏବଂ କୁଳପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନର ପ୍ରଗତି ସମୀକ୍ଷା

**ଭୁବନେଶ୍ୱର,୧୭ (ମହାଭାରତ):** କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ଅଶୋକ କେ. କେ. ମୀନା ଗୁରୁବାର ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ଶ୍ରୀ ମୀନା ଜଳ ଜୀବନ ମିଶନରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିର ପ୍ରଶଂସା କରିଥିଲେ । ଜାତୀୟ ଜଳ ଜୀବନ ମିଶନର ଉଦ୍ଦେଶ୍ୟ ଓ ପ୍ରାଥମିକତା ଅନୁରୂପ ରାଜ୍ୟ ସରକାର କାର୍ଯ୍ୟ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ ।

ଦୀର୍ଘମିଆଦି ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ ପଂଚାୟତଗୁଡ଼ିକୁ ଅଧିକ ସଶକ୍ତ କରିବା, କେନ୍ଦ୍ର ସରକାରଙ୍କର 'ଜଳ ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ଯୋଗାଣ ଭିତିଭୂମିଗୁଡିକର ପରିଚାଳନା ଦାୟିତ୍ୱକୁ ଶୀଘ୍ର ଗ୍ରାମ ପଂଚାୟତ ଓ ଗ୍ରାମ ଜଳ ଓ ପରିମଳ ସମିତି ଙ୍କୁ ହସ୍ତାନ୍ତର କରିବା ଏବଂ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ଆନୁସଙ୍ଗିକ ସୁବିଧା ସୃଷ୍ଟିକୁ ଅଗ୍ରାଧିକାର ଦେବା ସହ ଅଧିକରୁ ଅଧିକ ଗ୍ରାମକୁ ଓଡିଏଫ ପ୍ଲସ ମଡେଲ ମାନ୍ୟତା ହାସଲ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ ।

ଗସ୍ତ ଅବସରରେ ଶ୍ରୀ ମୀନା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ସାକ୍ଷାତ କରି ରାଜ୍ୟରେ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟାନ୍ୱୟନ, ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସମୀକ୍ଷା ବୈଠକ ପରେ ସେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ ଗିରିଶ ଏସ୍. ଏନ୍., ପାନୀୟ ଜଳ ଓ ପରିମଳ ମିଶନ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ସହ ପୁରୀ ଜିଲ୍ଲାର ବିଭିନ୍ନ ପାଇପ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରି କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଥିଲେ । ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଂଚାୟତର ଲୋହାପୁର ପାଇପ ଜଳଯୋଗାଣ ପ୍ରକଳ୍ପ ଓ ଯଶୁଆପୁର ଗ୍ରାମପଂଚାୟତର ସୁବଳପୁର ପ୍ରକଳ୍ପ ପରିଦର୍ଶନ କରିଥିଲେ । ପ୍ରକଳ୍ପଗୁଡ଼ିକର ଭିତିଭୂମିର ଗୁଣବତା ଦେଖି କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ସ୍ଥାନୀୟ ଲୋକଙ୍କ ସହ ମତବିନିମୟ କରି ପ୍ରକଳ୍ପର ସୁଫଳ ଓ ଏହାର ପ୍ରଭାବ ସମ୍ପର୍କରେ ସିଧାସଳଖ ମତାମତ ମଧ୍ୟ ସଂଗ୍ରହ କରିଥିଲେ ।

# ଓଡ଼ିଶାରେ ସ୍ଥାପନ ହେବ ୪୫୯ ନୂତନ ବ୍ୟାଙ୍କିଙ୍ଗ ସେବା କେନ୍ଦ୍ର

**ଭୁବନେଶ୍ୱର,୧୭ (ମହାଭାରତ):** ଗ୍ରାମୀଣ ଓଡ଼ିଶାରେ ବ୍ୟାଙ୍କିଙ୍ଗ ସେବାର ପହଞ୍ଚ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବିଏଲଏସ୍ ଇ-ସର୍ଭିସେସ୍ ଲିମିଟେଡ୍‌ର ସହଯୋଗୀ ସଂସ୍ଥା ଜିରୋ ମାସ୍ ରାଜ୍ୟରେ ୪୫୯ଟି ନୂତନ କଷ୍ଟମର ସର୍ଭିସ ପଏଟ୍ ସ୍ଥାପନ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଆଂଚଳିକ ଗ୍ରାମୀଣ ବ୍ୟାଙ୍କ) ଠାରୁ ଏକ ନୂତନ ମାଣ୍ଡେଟ୍ ହାସଲ କରିଛି । ଉକ୍ତ ବ୍ୟାଙ୍କଟି ସରକାରୀ ମାଲିକାନାଭୁକ୍ତ ହୋଇଥିବା ବେଳେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଏହାର ପ୍ରାୟୋଜକ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଛି ।

ଏହି ନୂତନ କେନ୍ଦ୍ରଗୁଡ଼ିକ ବ୍ୟାଙ୍କର ବ୍ରହ୍ମପୁର, ପିପିଲି ଓ ଖୋର୍ଦ୍ଧା ଅଂଚଳରେ ସ୍ଥାପିତ ହେବ । ଏହା ମାଧ୍ୟମରେ ଗ୍ରାମ ଓ ଅର୍ଦ୍ଧ-ସହରାଂଚଳର ହଜାର ହଜାର ଲୋକଙ୍କ ନିକଟରେ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ ସେବା ପହଂଚିପାରିବ । ବର୍ତମାନ ସଂସ୍ଥାଟି ଓଡ଼ିଶାରେ ୧୦୦ରୁ ଅଧିକ ଆଉଟଲେଟ୍ ପରିଚାଳନା କରୁଥିବା ବେଳେ, ଏହି ନୂତନ ମାଣ୍ଡେଟ୍ ପରେ ସିଏସପି ସଂଖ୍ୟା ୫୫୦ରୁ ଅଧିକକୁ ବୃଦ୍ଧି ପାଇବ । ଏହି ପଦକ୍ଷେପ ଔପଚାରିକ ବ୍ୟାଙ୍କିଙ୍ଗ ସେବାର ପହଂଚ ବୃଦ୍ଧି କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ମଧ୍ୟ ସୃଷ୍ଟି କରିବ ।

ଏହି ଅବସରରେ ବିଏଲଏସ୍ ଇ-ସର୍ଭିସେସ୍ ଲିମିଟେଡ୍‌ର ସିଓଓ ଲୋକନାଥ ପଣ୍ଡା କହିଛନ୍ତି, "ଭାରତୀୟ ରିଜର୍ଭ ବ୍ୟାଙ୍କର ଜାତୀୟ ଆର୍ଥିକ ସମାବେଶ କୌଶଳ (ଏନ୍‌ଏସ୍‌ଏଫ୍‌ଆଇ ୨୦୨୫-୩୦) ଅନ୍ତର୍ଗତ କାର୍ଯ୍ୟଯୋଜନା ଅନୁଯାୟୀ, ଓଡ଼ିଶାରେ ଆର୍ଥିକ ସମାବେଶକୁ ଆହୁରି ବିସ୍ତାର କରିବା ପାଇଁ ଆମ ସହଯୋଗୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସହ ୪୫୯ଟି ନୂତନ ବ୍ୟାଙ୍କିଙ୍ଗ ଆଉଟଲେଟ୍ ସ୍ଥାପନର ମାଣ୍ଡେଟ୍ ପାଇ ଆମେ ଆନନ୍ଦିତ । ଏହି ନୂତନ ସିଏସପିଗୁଡ଼ିକ ଲୋକମାନଙ୍କ ଘର ନିକଟରେ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ ସେବା ପହଂଚାଇବ । ଆର୍ଥିକ ସେବାର ପହଞ୍ଚ ସହିତ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଆର୍ଥିକ ବିକାଶରେ ମଧ୍ୟ ଏହା ଅବଦାନ ରଖିବ ।"

# ଭିଡ଼କୁ ହ୍ରାସ ପାଇଁ ସ୍ପେଶାଲ୍ ଟ୍ରେନ୍ ଚଳାଚଳ

**ଭୁବନେଶ୍ୱର,୧୭ (ମହାଭାରତ):** ଯାତ୍ରୀମାନଙ୍କ ଯାତ୍ରାକୁ ସୁବିଧାଜନକ କରିବା ଏବଂ ଅତିରିକ୍ତ ଭିଡ଼କୁ ହ୍ରାସ କରିବା ପାଇଁ, ପୂର୍ବତଟ ରେଳପଥ, ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତି ନେଇଛି ।ଏହା କେବଳ ଗୋଟିଏ ପାର୍ଶ୍ୱରୁ ଅର୍ଥାତ ଭୁବନେଶ୍ୱର ଠାରୁ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଯାତ୍ରା ସମାପ୍ତ କରିବ । ଟ୍ରେନ୍ ନମ୍ବର ୦୮୪୦୭ ଭୁବନେଶ୍ୱର-ଲୋକମାନ୍ୟ ତିଲକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ ରେରାତି ୧୧ :୦୦ ଘଣ୍ଟାରେ ଭୁବନେଶ୍ୱରରୁ ଛାଡିବ ଏବଂ ୨୮ ଜୁନ୍, ୨୦୨୬ ରେ ସକାଳ ୦୯:୦୦ ଘଣ୍ଟାରେ ଲୋକମାନ୍ୟ ତିଲକରେ ପହଞ୍ଚିବ । କୋଚ୍ ସଂରଚନା - ଏସି ୨-ଟାୟାର୍ – ୦୩ କୋଚ୍ , ଏସି ୩-ଟାୟାର୍ – ୦୪ କୋଚ୍ , ସ୍ଲିପର କ୍ଲାସ – ୦୯ କୋଚ୍ , ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ ୦୨ କୋଚ୍ । ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ।

# ରବିଧାନ କ୍ରୟ ସମୟସୀମା ଜୁଲାଇ ୧୫ ପର୍ଯ୍ୟନ୍ତ ବୃଦ୍ଧି ପାଇଁ କଂଗ୍ରେସର ଦାବୀ

**ଭୁବନେଶ୍ୱର,୧୭ (ମହାଭାରତ):** ସରକାର ଚାଷୀଙ୍କଠାରୁ ସୁବ୍ୟବସ୍ଥିତ ଢଙ୍ଗରେ ସବୁ ଉତ୍ପାଦିତ ବଳକା ଧାନ ନିର୍ଦ୍ଧାରିତ ସମୟ ଓ କ୍ୱିଣ୍ଟାଲ ପ୍ରତି ୩୧୦୦ଟଙ୍କ ମୂଲ୍ୟରେ କ୍ରୟ କରିବା ପାଇଁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେ ଫଳ ଓଲଟା । ସବୁଠାରୁ ଚଳିତ ବର୍ଷ ଖରିଫ୍ ଓ ରବିରେ ଧାନ କିଣାର ଅବ୍ୟବସ୍ଥା ଯୋଗୁଁ ଚାଷୀ ଅହେତୁକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଡବଲ ଇଞ୍ଜିନ ସରକାରର ଏପରି ନୀତିକୁ ଦୃଢ଼ ସମାଲୋଚନା କରିଛନ୍ତି । ପୁନଶ୍ଚ ସେ କହିଛନ୍ତି ଯେ, ବହୁ ପରିଶ୍ରମ ଓ ଅର୍ଥ ବିନିଯୋଗରେ ଗତ ଖରିଫ୍ ଓ ରବିରେ ଚାଷୀ ପ୍ରଚୁର ଧାନ ଉତ୍ପାଦନ କଲେ । ସରକାର ପ୍ରତିଶ୍ରୁତି ମୁତାବକ ଚାଷୀର ସମସ୍ତ ବଳକା ଧାନ କିଣିବା ଉଚିତ୍ । ରବିରେ ସରକାର ଜୁନ୍ ୩୦ ସୁଦ୍ଧା ୨୦ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ । କିନ୍ତୁ ଅଦ୍ୟାବଧି ଲକ୍ଷ୍ୟଧାର୍ଯ୍ୟ ପୂରଣ ହେଲା ନାହିଁ । ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ଭିଜୁଛି । ଟୋକନ ଥାଇ ମଧ୍ୟ ଶହ ଶହ ଚାଷୀଙ୍କଠାରୁ ଧାନ କିଣାଗଲା ନାହିଁ କିମ୍ବା ମଣ୍ଡିରୁ ଧାନ ଉଠିଲା ନାହିଁ । ମିଲର ମନମାନୀରେ ଧାନ କିଣାଗଲା । ଚାଷୀ ନିର୍ଦ୍ଧାରିତ ଏମଏସପି ପାଇବା ତ ଦୂରର କଥା ପ୍ରତି କ୍ୱିଣ୍ଟାଲରେ ଚାଷୀଙ୍କଠାରୁ ବାଧ୍ୟତାମୂଳକ ଭାବେ ୫ରୁ ୧୦ କେଜି ପର୍ଯ୍ୟନ୍ତ କଟନି ଛଟନି କରାଗଲା । ଯେଉଁଠି ୫୦ କ୍ୱିଣ୍ଟାଲ କ୍ରୟ କରିବା ପାଇଁ ଟୋକନ ଦିଆଯାଇଛି ସେଠାରେ ମାତ୍ର ୧୦ କ୍ୱିଣ୍ଟାଲ କ୍ରୟ କରାଯାଇଛି । ସରାକର ଜାଣି ଅଜଣା । ପୂର୍ବବର୍ଷଗୁଡ଼ିକ ତୁଳନାରେ ଏହି ସରକାରରେ ଚାଷୀ ସବୁଠାରୁ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି । ଅପର ପକ୍ଷରେ ସରକାରଙ୍କ ରବିଧାନ କ୍ରୟ ଲକ୍ଷ୍ୟଧାର୍ଯ୍ୟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ପରେ ଏବେ ଚାଷୀଙ୍କ ପାଖରେ ଆହୁରି ପ୍ରାୟ ୨୫ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ବଳକା ଧାନ ରହିଛି । ଜୁନ୍ ୩୦ରେ କଣ୍ଟ ପୁରିବ । ଏବେ ଚାଷୀ କରିବେ କଣ ? ସରକାରଙ୍କୁ ଭରଷା କରି ଚାଷୀକୁଳ ଦୁଶ୍ଚିନ୍ତାରେ । ତେଣୁ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଖରେ ଥିବା ସବୁ ବଳକା ଧାନ କିଣିବା ପାଇଁ ଜୁନ୍ ୩୦ ତାରିଖ ପରିବର୍ତ୍ତେ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରିବାକୁ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି । ବରଗଡ଼, ବଲାଙ୍ଗିର, ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ପ୍ରଭୃତ ଜିଲ୍ଲାର କିଷାନ କଂଗ୍ରେସ ନେତା ଦୟାସାଗର ମେଣ୍ଡଲୀ, ଗୋବିନ୍ଦ ପଟେଲ, ସାନନ୍ଦ ମିଶ୍ର, ଗୋବିନ୍ଦ ମିଶ୍ର, ସ୍ୱପ୍ନେଶ୍ୱର ପୃଷ୍ଟି, ନରେନ୍ଦ୍ର ପଣ୍ଡା, ରଘୁନାଥ ପଲିଆ ପ୍ରମୁଖ ଯୁଦ୍ଧକାଳୀନ ଭିତ୍ତିରେ ସରକାର ଧାନ ଉଠାଇବା ପାଇଁ ଅନୁରୂପ ଭାବେ ଦାବୀ କରିଛନ୍ତି ।

# ସଂରକ୍ଷଣ ବ୍ୟବସ୍ଥା

ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଭାରତରେ ଦୀର୍ଘ ବର୍ଷ ହେବ ବିବାଦ ଓ ବିତର୍କ ଚାଲିଆସିଛି। ଏବେ ସଂଖ୍ୟାଲଘୁ ବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା ବିବାଦକୁ ନୂଆ ମୋଡ଼ ଦେଇଛି। ସେହିପରି ଜାତିଭିତ୍ତିକ ଜନଗଣନା ମଧ୍ୟ ନିଆଁରେ ଘିଅ ଢାଳିବା ପରି ହୋଇଛି। ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିମନ୍ତେ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ସମ୍ବିଧାନରେ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ରହିଛି। କିଛି ବର୍ଷ ମଧ୍ୟରେ ଯେତେବେଳେ ସଂରକ୍ଷିତ ବର୍ଗର ଲୋକେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଯିବେ ଏବଂ ସେମାନଙ୍କର ଆର୍ଥିକ ତଥା ସାମାଜିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେମାନେ ଅନ୍ୟ ଉଚ୍ଚ ବର୍ଗର ଲୋକଙ୍କ ସହ ସମାନ ବୋଲି ଅନୁଭବ କରାଯିବ, ସେତେବେଳେ ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ ବୋଲି ସମ୍ବିଧାନରେ ରହିଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା କିଛି ବର୍ଗର ଲୋକଙ୍କ ପାଇଁ ଏତେ ଅନୁକୂଳ ହୋଇଯାଇଛି ଯେ, ସେମାନେ ଏହାର ପ୍ରତ୍ୟାହାର କଥା ଶୁଣିଲେ ଚିହିଁକି ଉଠୁଛନ୍ତି। ସେମାନେ ଚାହୁଁଛନ୍ତି ଯେ, ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିଥାଉ। କୌଣସି ଦଳର ସତସାହସ ନାହିଁ ଯେ, ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟାହାର ସମ୍ପର୍କରେ କହିବେ। ସବୁ ଦଳ ତୁଷ୍ଟିକରଣ ରାଜନୀତିରେ ମାତିଛନ୍ତି। ଯିଏ ସଂରକ୍ଷଣ ବ୍ୟବସ୍ଥା ହଟାଇବାକୁ ଦାବି କରିବ ଏବଂ କ୍ଷମତାକୁ ଆସିଲେ ଏହାକୁ ପ୍ରତ୍ୟାହାର କରିବ ବୋଲି କହିବ, ସେ ସଂରକ୍ଷିତ ବର୍ଗର ଭୋଟ ପାଇବ ନାହିଁ। ତା ଛଡ଼ା ଏହି ବର୍ଗର ସାଂସଦ ତଥା ବିଧାୟକମାନେ ଏଭଳି ପ୍ରସ୍ତାବକୁ ସଂସଦ ଓ ବିଧାନସଭାରେ ତୀବ୍ର ବିରୋଧ କରିବେ। ତେଣୁ ସଂରକ୍ଷଣ ବ୍ୟବସ୍ଥା ଭାରତରୁ ହଟିବ ଏକଥା ଚିନ୍ତା ବାହାରେ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଏସଟି/ଏସଟି ଅତ୍ୟାଚାର ନିରୋଧ ଆଇନରେ ସାମାନ୍ୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେଲେ। କେବଳ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନି, ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ପ୍ରାଥମିକ ପ୍ରମାଣ ରହିଛି ବୋଲି ରିପୋର୍ଟ ଦେଲେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଲେ। ଉଦ୍ଦେଶ୍ୟ ଥିଲା ଏସଟି/ଏସସି ଅତ୍ୟାଚାର ନିରାକରଣ ଆଇନର ଦୁରୁପଯୋଗ ନହେଉ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ହେଲା। ଫଳରେ ସୁପ୍ରିମକୋର୍ଟଙ୍କ ଏହି ରାୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିରୁ ଅନୁମାନ କରାଯାଇପାରେ ଯଦି ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦୂର କଥା, ଯଦି ଏହାକୁ ହ୍ରାସ କରିବା ପାଇଁ ମଧ୍ୟ କୁହାଯିବ ତେବେ ଭାରତରେ କିଭଳି ହିଂସାକାଣ୍ଡ ସୃଷ୍ଟି ହେବ। ନବେ ଦଶକ ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି ପି ସିଂହ ମଣ୍ଡଳ କମିଶନଙ୍କ ସୁପାରିସ ଆଧାରରେ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ନେଲେ। ଏହା ବିରୋଧରେ ସାରା ଦେଶରେ ଭୟଙ୍କର ଆନ୍ଦୋଳନ ହେଲା। ଅନେକ ଯୁବକ ଯୁବତୀ ପ୍ରାଣ ହରାଇଲେ। ତଥାପି ସରକାର କେବଳ ଭୋଟ ରାଜନୀତି ପାଇଁ ନିଜ ଯିଦରେ ଅଟଳ ରହିଲେ। ଶେଷରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାଏମ ରହିଲା। ସମ୍ବିଧାନରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। କିନ୍ତୁ କିଛି ରାଜନୈତିକ ଦଳ ଏବେ ଓବିସି ବର୍ଗଙ୍କ ସଂଖ୍ୟା ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥାକୁ ୫୦%ରୁ ଅଧିକ କରିବା ନିମନ୍ତେ ଦାବି କରୁଛନ୍ତି। ଅର୍ଥାତ ଓବିସି ବର୍ଗଙ୍କ ପାଇଁ ୨୭%ରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ହେଉ ବୋଲି ସେମାନେ ଦାବି କରୁଛନ୍ତି। ଏଥିପାଇଁ କେତେକ ରାଜ୍ୟରେ ଓବିସି ଜନଗଣନା ଆରମ୍ଭ ହୋଇଛି। ଜାତିଭିତ୍ତିକ ଜନଗଣନା ପାଇଁ ବିଭିନ୍ନ ରାଜନୈତିକ ଦଳ ଦାବି କରୁଛନ୍ତି। ଏହା ଏକ ମାରାତ୍ମକ ଚିନ୍ତାଧାରା। ଏହା ଦ୍ୱାରା ଜାତି ଭେଦ ଆହୁରି ଉତ୍କଟ ହେବ।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚାର

॥ ସୌମେନ୍ଦ୍ର ଜେନା ॥

> ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ। ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ। ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥିବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ। ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି। କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ। ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି। ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ। ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ। ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ। ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ। ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ। କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ। ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ। ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ। ଦୂରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ। ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ। ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ। ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି। ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡ଼ିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ। ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ।


ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.


# ଗ୍ରିଙ୍ଗେଲର ସୁର ଦୂରକୁ ଦୂରକୁ

॥ ଡ଼କ୍ଟର ଚନ୍ଦନ କୁମାର ସିଂହ ॥

ଖରାରେ ସମସ୍ତେ ଝୋଲାମରା। କେବଳ ଜଣେ ତା'ନିଜ ତୁଣ୍ଡରେ ରାଗିଣୀ ଧରିଛି-ଗ୍ରିଙ୍ଗେଲ-ଝିଙ୍କାରି-ଝୋଲାମରା ମହୁଲଗଛ ଗଣ୍ଡିରୁ, ଝଙ୍କା ଆମ୍ବଗଛ ସନ୍ଧିରୁ। ଯେଉଁଠି ମନମୁତାବକ ମିଳିଲା ଜାଗା ତାଙ୍କୁ, ସେଠାରେ ବସି ରାଗିଣୀ ତୋଳିଲେ ଗ୍ରିଙ୍ଗେଲ। ନିର୍ଜନ ପଣିଆର ବାସ୍ତବତାକୁ ସେ ଆଙ୍କି ଦେଉଛି, ଦୂରକୁ ନିକଟ କରି, ନିକଟକୁ ଦୂର କରି। ଉଚ୍ଛୁଳା ଜହ୍ନ କିରଣପରି, ଅସରା ଖରା ପରି ଝିଙ୍କାରିର ରାଗ ଶୁଖିଲା ମାଟି, ଗଛପତର, ବଣବୁଦା, ପଥରକୁ ଭିଜାଇ ଦେଉଛି। ଛପି ଛପିକା ଛାଇ ଖରାର ଆକଟ ମାନିନାହିଁ। ତା'ରି ଭିତର ଦେଇ କାଳିଆ ପିଚୁରାସ୍ତା ପଡ଼ିଛି ଏମୁଣ୍ଡରୁ ସେମୁଣ୍ଡ। ସନ୍ନ୍ୟାସୀଗୁଡ଼ାରୁ ଡାକୁଲଗୁଡ଼ାଛକ। ନିଜ ତୁଣ୍ଡରେ ରାଗିଣୀ ଧରିଛି-ଗ୍ରିଙ୍ଗେଲ-ଝିଙ୍କାରି-ଝୋଲାମରା ଆମ୍ବଗଛ ଭିତରୁ। ହେଁ ନାଲ୍‌ଗିରିଗଛ ମଥା ଉପରୁ। ରାସ୍ତାର ଦି'କଡ଼ ଶୁଖିଲା, ଆଉ ଶୁଖିଲା। ଯେଉଁ ଆଡ଼କୁ ଆଖି ପାଉଛି ଶୁଖିଲା ପାଉତିରେ ଲିଭିଯାଉଥିବା ଅକ୍ଷରପରି। ତାତି ନିଗାଡ଼ି ପଡୁଛି ଭେଦଭାବ ନରଖି ସଭିଙ୍କ ଉପରେ। ଡଙ୍ଗରର ମଥା ଉପରେ ବି ତାତି, ଦେହକୁ ଆଉଜି ପଡୁଥିବା ପବନରେ ବି ତାତି। ଭୂଇଁ ଆଉ ତାତିକୁ ସମ୍ଭାଳି ନପାରି ସିଏ ବି ପାଲଟିଛି ତାତି। ଏ ତାତିର ଚଉହଦୀ ଭିତରେ କେଉଁଠି କେଜାଣି କେତେବେଳେ ଝଲକାଏ ସବୁଜିମା। ......ସୁଡୁକାଏ ତିଅଣ ପରି। ଏ'ଖରାର ତାତି ନିଛାଟିଆ। ତା'ର ସର୍ବାଙ୍ଗ ନିଛାଟିଆ। ଏ ତାତିରେ ସରଗିଗଛର ଭରା ସବୁଜିମା ବି ନିଛାଟିଆ। ଆକାଶରୁ ନଇଁ ପଡୁଛି ତାତି। ଆଖି ପାଉନାହିଁ ଏ ତାତିକୁ। ନିଜ ତୁଣ୍ଡରେ ରାଗିଣୀ ଧରିଛି ଗ୍ରିଙ୍ଗେଲ୍-ଝିଙ୍କାରି-ଝୋଲାମରା ଡଙ୍ଗର ଭିତରୁ।

ଆଗରେ ଥୁଆପାଡ଼ି ନଈ। ତାତିର ଏ ଅଝଟ ଭିତରେ ଶୁଖିନାହିଁ ତା'ଦିହ। ଥୁଆପାଡ଼ି ନଈ ଚଟ୍‌କରି ଡେଇଁ ପଡ଼ିଲେ ଆଗକୁ ଥୁଆପାଡ଼ିଛକ। ଛକ କଡ଼ରେ ଙର ଗଛ। ଙର ପାଚିଲାଣି ସଅଳ ବରଷା ପାଣିରେ। ପାଖକୁ ପାଖକୁ ଛୋଟବଡ଼ ଭୂଇଁ ଖଜୁରୀ। ଭୂଇଁ ଖଜୁରୀ ପାଚିଲେ ଜାମୁକୋଳି ପରି କଳା ମଚ ମଚ ଦିଶେ। ପାଟିରେ ଲାଗି ମିଳାଇଯାଏ ସିନା ସୁଆଦ ଲାଗି ରହିଥାଏ। ପେଣ୍ଟା ପେଣ୍ଟା କୁରେଇ ଫୁଲର ବାସ ପରି। ନିଗିଡ଼ା ତାତି ଭିତରେ ମହକି ଉଠୁଛି କୁରେଇଫୁଲର ବାସ। ଝୋକା ଝୋକା କୁରେଇ ଫୁଲ। ଅମୁନାହିଁ ତା'ଉଜ୍ଜଳପଣ। ଅମୁ ନାହିଁ ତା'ନମ୍ର ନିବେଦନ। ନିଜ ତୁଣ୍ଡରେ ରାଗିଣୀ ଧରିଛି ଗ୍ରିଙ୍ଗେଲ୍। ଝିଙ୍କାରି ଝୋଲାମରା କୁସୁମଗଛ ଦିହରୁ।

ଆଗପଛ ହୋଇ କେତେ କେତେ ଗାଆଁ। ଭେଜିପଦର ଘାଗୁଡ଼ିପଦର ବଡ଼ଲିମା, ପାଇକ ଡାକୁଲଗୁଡ଼ା, କନ୍ଧ ଡାକୁଲଗୁଡ଼ା, ବଣ୍ଡାଗୁଡ଼ା, ରାମନାକୁପ୍‌ଲି, କୁଟ୍ରାଗଡ଼, ଗଜାକୁପ୍‌ଲି, ଖଜୁରୀପଦର, ଏଇମିତି କେତେ କଅଣ। ଗୁଡ଼ାକୁ ଗୁଡ଼ା ଇସ୍କୁଲ। ପଦରକୁ ପଦର ଇସ୍କୁଲ। ଆଦିବାସୀ ଜନ-ଜୀବନର ଘେର ଭିତରେ ଇସ୍କୁଲ। ତାତି ନେଉଟିଯାଏ ଧୀରେ ଧୀରେ ଡଙ୍ଗର ଭିତରେ, ଆକାଶଭିତରକୁ ତାତି ଫେରିଯାଏ। ଅପେକ୍ଷା କରେ ସୂର୍ଯ୍ୟ ଚହଟିବା ପରେ ପୁଣି ତା'ରାଇଜର ପସରା ମେଲିଦେବ। ସୂର୍ଯ୍ୟ ନଉଁ ନଉଁ ଚୁଲିରୁ ଧୂଆଁ ଉଠେ ଘରର ମଥାନ ଭେଦି ଭେଦି। ସଂଜ ଗଡୁ ଗଡୁ ସଭିଏଁ ଖାଇ ନିଅନ୍ତି ରାତିର ଖାଇବାତକ। ପହରକିଆ କଲିଆ ଭୁକିବା ଆଗରୁ ଗୋଟେ ପହର ନିଦ ଭୋଗ ହୋଇଯାଏ ପରିବାରଟା ସାରା। ସକାଳ ଫିଟିବା ଆଗରୁ ନିଦ ଫିଟିଯାଏ ସମସ୍ତଙ୍କର। ପିଲାଏ ତରତର ହୁଅନ୍ତି ପାଖ ନାଳକୁ ଯିବାଲାଗି। ନାଳରୁ ଫେରି ସ୍କୁଲଯିବାକୁ ତରସହେ ନାହିଁ। ପିଲାଙ୍କ ହୋ'ହୋ'ରେ ପୂରି ଉଠେ ସ୍କୁଲର ଅଙ୍ଗନ।

ଥୁଆପାଡ଼ି ଛକରୁ ବାଁହାତୀ ରାସ୍ତା ପଡ଼ିଛି ଏକମୁହାଁ ହୋଇ ଭେଜିପଦର, ଥୁଆପାଡ଼ି ଓ ଘାଗୁଡ଼ିପଦରକୁ। ସବୁ ଗାଆଁରେ ଇସ୍କୁଲ। ଖରା ଆଉ ତାତି ନହକି ନହକି ପହଞ୍ଚିଯାଆନ୍ତି। ଗ୍ରିଙ୍ଗେଲ୍ ପାଖ ଗଛରୁ ତା'ରାଗିଣୀ ତୋଳିଧରେ। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଦୁଆର ଭିତରେ ଥୁଆପାଡ଼ି ସ୍କୁଲ। ଶିବମନ୍ଦିର ବେଲଗଛ ଆଉ ଆମ୍ବଗଛ କଡ଼େ କଡ଼େ ଗଡ଼ିଗଲେ ସ୍କୁଲର ମୁହଁ ଦେଖାପଡ଼େ। ସାହିରୁ ଶୁଖିଲା ବିଲ ଭିତରେ ପିଲାଏ ବି ସ୍କୁଲକୁ ଚାଲି ଆସନ୍ତି। ସମୁଦାୟ ୭୪ ଜଣ ପିଲା ଓ ଦି'ଜଣ ଶିକ୍ଷକଙ୍କୁ ନେଇ ସ୍କୁଲର ସଂସାର। ପ୍ରଥମରୁ ପଞ୍ଚମ ଯାଏଁ କେବଳ ୫୭ ପିଲା। ୧୯୭୧ ମସିହାରେ ସ୍ଥାପିତ ହୋଇଥିଲା ସ୍କୁଲଟି। ଏପ୍ରିଲ ମାସର ଶେଷ ସପ୍ତାହ। ହଁ ନା ହଁ ନା ଭିତରେ ସ୍କୁଲ ସବୁ ଖୋଲିଗଲାଣି। ଖରାତାତିକୁ ଅନାଇ ଅନାଇ ସ୍କୁଲସବୁ ସକାଳୁଆ। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଦପ୍ତରରେ ମଧ କ୍ଲାସ ହୁଏ। ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀର ପିଲାଏ ମୁଥ ମୁଥ ହୋଇ ଗୋଟିଏ ଘରେ ବସନ୍ତି। ଶିକ୍ଷକ ମଧ ସେହି ତରିକାରେ ପାଠ ପଢ଼ାନ୍ତି। ସେଦିନ କୁସୁମ ପ୍ରେପକା-୨ୟ, ଶୁଭମ୍ ଗରଡ଼ିଆ - ୩ୟ, ମନୋଜ ବିଡ଼ିକା-୧ମ, ମୁକେଶ କୁଶୁଲିଆ-୧ମ, ସୁଇଟ ଗଉଡ଼-୨ୟ, ରିତୁ ପ୍ରେପକା-୨ୟ, ରବିନ୍ଦ୍ର କୁଗୁଲିଆ-୧ମ, କେଦାର ଗରିଡ଼ିଆ-୨ୟ, ରଶ୍ମୀ ମହାନନ୍ଦିଆ-୨ୟ ପ୍ରଭୃତି ପିଲାଙ୍କ ସହ ସାଙ୍ଗର ଆସର ଆରମ୍ଭ ହୋଇଗଲା। ପ୍ରତିପିଲା ଗୋଟିଏ ଗୋଟିଏ ମହକ ପରି, ସେମାନେ ଯେଉଁଠି ଥାଆନ୍ତୁନା କାହିଁକି। ତାଙ୍କ ପୃଥିବୀ ଭିତରକୁ ପାଦଦେଲେ ସେମାନେ ଆପଣାର କରିନିଅନ୍ତି। କେତେକେତେ କଥା ଓ ବ୍ୟଥାର ଗନ୍ଥାଘର ପ୍ରତିଟି ପିଲା ସ୍କୁଲର। ହସି ହସି କହିବସନ୍ତି କେତେ କଥା ସେମାନେ। କଥାପଡୁ ପଡୁ ପଚାରିଦେଲି, ତୁମେ ସବୁ କ'ଣ କ'ଣ ଖାଇକରି ଆସିଛ। ପିଲାଙ୍କ ଉ ର ଥିଲା କିଛି ଖାଇନୁ। ମଧ୍ୟାହ୍ନ ଭୋଜନ ସକାଳ ୯ ବେଳକୁ। ଆଉ ତୁମେ ସବୁ କେତେବେଳେ ଖାଇଥିଲ-କାଲି ସଂଜବେଳେ। ଶ୍ରେଣୀର କେବଳ ସୁଇଟିକୁ ଛାଡ଼ିଦେଲେ ଆଉ କୌଣସି ପିଲା ଖାଇନଥିଲେ। ନଖାଇ ଆସିବା ଯେ କେବଳ ଗୋଟିଏ ଦିନର ଘଟଣା ଥିଲା ତା'ନୁହେଁ, ସକାଳୁଆ ସ୍କୁଲର ଏହା ନିୟତ ପ୍ରତି ନିୟତ ଘଟଣା। ଆଗ ସଂଜରୁ ଯାହା ଖାଇଥାନ୍ତି ପିଲାଏ। ଅଲେଖା ସିଲଟ ପରି ପିଲାଙ୍କର ପେଟ ମଧ ସେହିପରି ରହିଯାଇଥାଏ। ହସି ହସି ପିଲାଏ ପଢ଼ନ୍ତି, ଏମୁଣ୍ଡରୁ ସେମୁଣ୍ଡ ଦଉଡୁଥାନ୍ତି ପେଟର ଭୋକକୁ ରଖିଦେଇ।

ପାଖ ଗାଆଁ ଭେଜିପଦର। ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀର ପିଲାଏ ଗୋଟିଏ କକ୍ଷରେ। ଦେବେନ୍ଦ୍ର ନିଶିକା-୫ମ, ବରୁନ ମାଣ୍ଡିକା -୫ମ, ବିକ୍ରମ ନିଶିକା-୪ର୍ଥ, ନରୋତମ ନିଶିକା-୫ମ, ଉର୍ମିଳା ନିଶିକା-୪ର୍ଥ, ସ୍ୱପ୍ନାନୁଣ୍ଡୁକା-୩ୟ, ଭାଗ୍ୟବତୀ ମାଣ୍ଡିକା-୩ୟ, ଚନ୍ଦ୍ରିକା ନିଶିକା-୫ମ, ସାଗର ନିଶିକା-୫ମ, ସୌମ୍ୟ ବାତ୍ରାବା-୪ର୍ଥ, ବେବି ଉଲାକା-୪ର୍ଥ, ଜସମିନ୍ ମାଇକା-୪ର୍ଥ, ବବିତା କରଲାକା-୪ର୍ଥ, ସବିତା କୃସିକା-୪ର୍ଥ ଆଦି ତେର ଚଉଦ ପିଲାଙ୍କ ସହ ପାଠର କଦର ଜାଣୁ ଜାଣୁ, କୌଣସି ଜଣେ ହେଲେ ବି ପିଲା, ଖାଇକି ନଆସିଥିବାର କଥାକୁ ସହି ହେଉନଥିଲା। ତାତିକୁ ନସହିବା ଲାଗି ସକାଳୁଆ ସ୍କୁଲ। ମାତ୍ର ଭୋକକୁ ସହିହେବକି? ସକାଳର ସଜଫୁଲ ପରି ମହଣ ମହଣ ମହକରେ ପିଲାଙ୍କ ଭୋକକୁ ସହିହେବ କିପରି ଭଲା? ପାଠ କରି ଆସିଛନା ନାହିଁ ପ୍ରଶ୍ନର ଉତରଦାୟିତ୍ୱ ନେବାପାଇଁ ସିନା କେହି ଜଣେ ଅଛନ୍ତି, ମାତ୍ର ତୁମେ ଖାଇ କରି ଆସିଛନା ନାହିଁ ପ୍ରଶ୍ନର ଉତର ଦାୟିତ୍ୱ ନେବାକୁ କିଏ ଅଛି ସତରେ? ଏହା କେବଳ କ'ଣ ଥୁଆପାଡ଼ି ନା ଭେଜିପଦର ସ୍କୁଲର ଇତିକଥା! ଆଖି ପାଉନାହିଁ ଏ ତାତିକୁ! ଆକାଶରୁ ନିଗୁଡ଼ି ପଡୁଛି ତାତି। ଗ୍ରିଙ୍ଗେଲ-ଝିଙ୍କାରି ରାଗିଣୀ ଧରୁଛି ବେଲଗଛର ଦିହଭିତରୁ, ମହୁଲ ଗଛର ଫୁଙ୍ଗୁଳା ଫୁଙ୍ଗୁଳା ଡାଳ ଭିତରୁ। ଝିଁ-ଝିଁ-ଝିଁ-ଝିଁ।


ବିଷମ କଟକ, ରାୟଗଡ଼


# ଗାଈଗୋରୁଙ୍କ ସମସ୍ୟା

॥ ଶ୍ୟାମ ସୁନ୍ଦର ସାମଲ ॥

ଶିଶୁ ଗୁଡ଼ିକୁ ମନୁଷ୍ୟ ଯେତେବେଳେ ନିଜର କାମରେ ଆସିବା ଜାଣିବା ସିଦ୍ଧ ହୋଇଗଲା ତାକୁ ଗୃହ ପାଳିତ କରିବାକୁ ଚେଷ୍ଟା କରିଲା। ମନୁଷ୍ୟ ରୋଗ ହେବାପରି ପଶୁଙ୍କୁ ଯେ ରୋଗ ହୋଇପାରେ ଏକଥା ପରେ ପରେ ଜଣା ପଡ଼ିଲା। ମନୁଷ୍ୟର ରୋଗ ପାଇଁ ଡାକ୍ତର, ବୈଦ୍ୟ ଅଛନ୍ତି ସେମାନେ ରୋଗୀର ଯନ୍ତ୍ରଣା ଅନୁଧାନ ସ୍ଥାନଗୁଡ଼ିକରୁ କରି ରୋଗୀକୁ କେତେ କଥା ପଚାରି ଔଷଧ ଦେଇ ଆରୋଗ୍ୟ କରନ୍ତି। ମାତ୍ର ପଶୁ କଥା କହିପାରେ ନାହିଁ ରୋଗର ଲକ୍ଷଣ ଦେଖି ଚିକିତ୍ସା କରିବାକୁ ପଡ଼େ। ଆସ୍ତେ ଆସ୍ତେ ଛେଳି, ମେଣ୍ଢା, ଗୋରୁ, ମହିଷି, ଓଟ, ଗଧ, ଘୋଡ଼ା, ହାତୀ ଆୟତ ହେବାକୁ ଲାଗିଲେ ତାଙ୍କର ଚିକିତ୍ସା ଧାରା ଲଗାଇ ସେମାନଙ୍କୁ ରୋଗ ମୁକ୍ତ କରାଗଲା। ପକ୍ଷୀ ଗଣ, ବୃକ୍ଷଲତା ଏହାଙ୍କର ବି ଚିକିତ୍ସା ପଦ୍ଧତି ବାହାରିଲା। ଲୋକେ ବତକ, କୁକୁଡ଼ା, ହଂସ ପାଳନ କରିବା ସହିତ ଅନେକ ପକ୍ଷୀଙ୍କୁ ଖୁସି ପାଇଁ ଆୟତ କରେ।

ମନୁଷ୍ୟର ଅଭୟ ଗୁଣ ଦୟା ଅଛି। ପଶୁମାନେ ଅନୁଧ୍ୟାନ କରି ଆସ୍ତେ ଜାଣିଲେ ଫଳରେ ଜଙ୍ଗଲି ପଶୁ ବି ଋଷି ମୁନୀଙ୍କ ଆବସ ସ୍ଥଳୀରେ ଅଭୟରେ ଚଳିଲେ। ହରିଣ ଗୁଡ଼ିକ ମନୁଷ୍ୟ ଦେଖିଲେ ଅନେକ ସମୟରେ ପାଖକୁ ଆସନ୍ତି। ମାଙ୍କଡ଼ମାନେ ଏକ ସହରରେ ଘରେ ପଶି ମାନବ ବ୍ୟବହାର୍ଯ୍ୟ ପରିବା, ଫଳମୂଳ ଖାଇଯାଉଛନ୍ତି। ବୁଲା କୁକୁର ଗୁଡ଼ିକ ଗୃହସ୍ଥ ଗୃହ ପାଖାପାଖି ରହି ତାଙ୍କର ଖାଦ୍ୟ ଚିନ୍ତା ନିବାରଣ କରୁଛନ୍ତି। ବୁଲାଷଣ୍ଢ ଏପରି ବୁଲି ବୁଲି ତାଙ୍କ ଖାଦ୍ୟ ସଂଗ୍ରହ ମାନବ ଚଳନୀ କ୍ଷେତ୍ରରେ କରୁଛନ୍ତି।

ପୁରାଣରେ ପକ୍ଷୀ ପଶୁ ଶକ୍ତିକୁ ଦେବତାମାନେ ସ୍ୱପରିବହନ ପାଇଁ ଲଗାଇଛନ୍ତି ଏହା ସମସ୍ତେ ପାଠ କରୁଛନ୍ତି। ଅନେକ ଜୀବ ଯେଉଁମାନେ ହିଂସ୍ର ମନୁଷ୍ୟ ବୋଲ ସଂଜମରେ ମାନନ୍ତି ନାହିଁ ତାଙ୍କୁ ଭୟ କରି ମନୁଷ୍ୟ ଭୟରେ ଦୂରେଇ ରହୁଛି। ଦେବ ବାହାନ ପଶୁପକ୍ଷୀ କିନ୍ତୁ ମନୁଷ୍ୟ ସମ୍ମାନ ଦେଇ ଆସୁଛନ୍ତି ହେଲେ ମର୍କଟ ଯେ ଶ୍ରୀରାମଙ୍କ ବାହିନୀରେ ବଡ଼ ସହାୟକ ସେ ଓ ତାଙ୍କର ବାହନ ଷଣ୍ଢ ଏବେ ସମସ୍ୟା ଚାଷ କ୍ଷେତ୍ର ଫଳ ବଗିଚାରେ କରିଲେଣି। ରାସ୍ତାରେ ଷଣ୍ଢ ଅନେକ ଦୁର୍ଘଟଣାର କାରଣ। ହାତିମାନେ ରେଳଲାଇନରେ ପାଶ ବେଳେ ବି ରେଳ ଦୁର୍ଘଟଣା ଘଟୁଛି। ଦିନେ ଏମାନଙ୍କୁ ଯେଉଁ ଶ୍ରଦ୍ଧା ଥିଲା ଏବେ ବିରକ୍ତି ଘୃଣା ଓ କ୍ରୋଧରେ ଆସିବାଗୁ ହେଲାଣି। କଲିକତା ବି ଦିନେ ଗ୍ରାମ ଭୂମି ଥିଲା। ସୁତାନଟୀ ଗୋବିନ୍ଦପୁର ସେଠାରେ ଯେଉଁ ସନାତନୀ ହିନ୍ଦୁମାନେ ବାସ ତତ୍କାଳ ବାସ କରୁଥିଲେ ବୃଷଭକୁ ସମ୍ମାନ ଦେଇ ଅବାଧରେ ଚଳାଚଳ ପ୍ରଶୟ ଦେଉଥିଲେ। କଲିକତା ସହର ବନି ଯିବାରୁ ତତ୍କାଳ ଚଲାପଥରେ ଘୋଡ଼ାରେ ଚଳପ୍ରଚଳ ଲୋକଙ୍କୁ ଏଇ ଷଣ୍ଢମାନେ ଆକ୍ରମଣ କରୁଥିଲେ। ଏମିତି କଲିକତାରେ ତତ୍କାଳ ବ୍ରିଟିଶର ଭାରତ ପ୍ରଶାସନରେ ଥିବା ଚଣ୍ଡମୁଣ୍ଡ କର୍ତ୍ତା। ଲର୍ଡ଼ମାନେ ସ୍ୱ କୋଠିରୁ କାର୍ଯ୍ୟାଳୟକୁ ଘୋଡ଼ାରେ ଗଲାବେଳେ ଜଣେ ଲର୍ଡ଼ ଷଣ୍ଢ ତାଡ଼ନରେ ପଡ଼ିଗଲେ ତାପରେ ଏଇ ପ୍ରଥାକୁ ବନ୍ଦ ପାଇଁ କାନୁନ ଲଗାଇଲେ ତାପରେ କଲିକତା ସହରରେ ଷଣ୍ଢ ଶନ୍ୟ ହୋଇଛି।

କଲିକତା ଠାରୁ ୩୦କି.ମି. ଦୂରରେ ତାରକନାଥ ବା ତାରକେଶ୍ୱର ମନ୍ଦିର ଅଛି। ଏଠାକୁ ଲୋକେ ମାନସିକ କରି ଷଣ୍ଢ ଅର୍ପଣ ବିଧିରେ କରୁଛନ୍ତି ଏପରିକି ଆମର ଆଖଣ୍ଡଳମଣି ଆରଡ଼ିରେ ଏମିତି ଷଣ୍ଢ ଅର୍ପଣ ହେଉଛି। ମନୁଷ୍ୟର ସନ୍ତାନ ନାଗା, ସନ୍ନ୍ୟାସୀ, ବୈଷ୍ଣବ ସାଧୁ କରିବାକୁ ଯେପରି ବ୍ୟବସ୍ଥା ଅଛି ସେମିତି ଥିଲା ଛାଗ ପ୍ରଜନନ ଓ ଗୋ ପ୍ରଜନନ ପାଇଁ ଅଣ୍ଡିରା ଛାଗକୁ ବୋଦାକୁ କୌଣସି ଦେବୀ ଉଦ୍ଦେଶ୍ୟରେ ବଳୀ ରୂପେ ନଦେଇ ଦେବୀ ପୀଠରେ ଛାଡ଼ି ଦେଉଥିଲେ ଓ ଷଣ୍ଢକୁ ଶିବଙ୍କ ମନ୍ଦିର ପାଖରେ ଶିବଙ୍କୁ ବିଧିରେ ଅର୍ପଣ କରି ଛାଡୁଥିଲେ। ଏବେ ବି ଏପରି ପ୍ରଥା ରଦ୍ଧ ହୋଇନାହିଁ। ଅନେକ ଶଷ୍ୟ କ୍ଷେତ୍ରରେ ଷଣ୍ଢ ମାର୍କଟ ଭାରତ କୃଷକଙ୍କୁ ଉଚ୍ଛନ୍ନ କରୁଛନ୍ତି। କୌଣସି ପରିବା ଫଳମୂଳ ଉତୁରି ପାରୁନାହିଁ। ଧର୍ମ ବିଶ୍ୱାସ ରହୁ ମାତ୍ର ସଂସ୍କାର କରାଯାଉ, ଏବେ ଗୋ ପ୍ରଜନନରେ ଷଣ୍ଢ ଆଉ ଦରକାରୀ ଲାଗୁନାହିଁ। କୃତ୍ରିମ ପ୍ରଜନନ ପଦ୍ଧତିରେ ସରକାର ସାହାଯ୍ୟ ଦେଲେଣି।

ବଳଦ ଆବଶ୍ୟକ ପଡୁ ନାହିଁ କି ଅତଏବ କୃତ୍ରିମ ପ୍ରଜନନରେ କେବଳ ମାଇ ବାଛୁରୀ ଜନ୍ମ ହେବେ ଏ ଧାରା କଣ ବୈଜ୍ଞାନିକମାନେ କାଢ଼ି ପାରିବେ ନାହିଁ। ମାଙ୍କଡ଼ମାନେ ଜଙ୍ଗଲରେ ବାସ କରୁଥିଲେ ଲୋକ ସରକାରୀ କାନୁନରେ ଛିଦ୍ର ଦେଖିକୁ ଅଭୟ ହୋଇ ଜଙ୍ଗଲକୁ ଆବାଦରେ ନେଲେ ଫଳରେ ମର୍କଟ ଏଇ କୃତ୍ରିମ ଉପବନ ଜନପଦକୁ ପଳେଇ ଆସିଲେ ପୂର୍ବେ ମାଙ୍କଡ଼ିଆ ମାଙ୍କଡ଼ ମାରିବାକୁ ପ୍ରାୟ ୫୦ ବର୍ଷ ତଳେ ଆସୁଥିଲେ ମୁଁ ନିଜେ ଦେଖିଛି ସେମାନେ ମାଙ୍କଡଙ୍କୁ ବନ୍ଧୁକ ଉଠାଇଲେ ମାଙ୍କଡ଼ମାନେ ହାତ ଉଠାଇ ହାତ ଯୋଡ଼ି ତାଙ୍କ ପ୍ରାଣ ବଞ୍ଚାଇବା ପାଇଁ ମାତ୍ର ସେମାନେ ରାଜାଜ୍ଞା ପାଳକ ସେମାନେ ମାଙ୍କଡଟିକୁ ମାରି ତା ଲାଞ୍ଜନେଇ ସରକାରୀ ଦପ୍ତରରେ ଜମା କରି ତାଙ୍କ ପାଉଣା ପାଉଥିଲେ। ଚାଷବାସ ଅଞ୍ଚଳରୁ ଷଣ୍ଢ ମାଙ୍କଡ ସମସ୍ୟା କେମିତି ରଦ୍ଧ ହେବ ସହର ଅଞ୍ଚଳରୁ ବୁଲା କୁକୁର କେମିତି ନିବାରଣ ହେବ ସରକାର ଚିନ୍ତା କରନ୍ତୁ। କଟକରେ ଗାଈଗୋରୁ ଅଛନ୍ତି ମାତ୍ର କାଁ ଭାଁ କାରଣ ଚାରଣ ଭୂମି ସମ୍ପୂର୍ଣ୍ଣ ଅଭାବ। ଗୋବର ମୂତ୍ର ପ୍ରଦୂଷଣ ହେବ ବୋଲି ଗୋପାଳନ ଉପରେ ରୋଧ ଲାଗିଗଲାଣି। ତଥାପି ବୁଲା ଗୋରୁ ସମସ୍ୟା ସହରରେ ବଢୁଛି। ଏ ପାଇଁ ଚିନ୍ତା କରାଯିବା ଦରକାର।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଆମ୍ବୁଲାନ୍ସରେ ବୁହା ହେଉଛି ପିଲାଙ୍କ ପାଇଁ ବହି, ଘଟଣାକୁ ନେଇ ଉଠିଲା ପ୍ରଶ୍ନ




କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳରେ ଆଜି ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ସାଧାରଣତଃ ଜରୁରୀକାଳୀନ ସେବା ଓ ରୋଗୀ ପରିବହନ ପାଇଁ ବ୍ୟବହୃତ ଆମ୍ବୁଲାନ୍ସରେ ପିଲାଙ୍କ ପାଇଁ ପାଠ୍ୟପୁସ୍ତକ ବୁହାଯାଉଥିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ନ ସମୟରେ ଢଉ ୦୯ ଘ ୫୭୫୨ ନମ୍ବର ବିଶିଷ୍ଟ ଏକ ଆମ୍ବୁଲାନ୍ସରେ ବହୁ ପରିମାଣରେ ପାଠ୍ୟପୁସ୍ତକ ଲୋଡ଼ ହୋଇ ଯାଉଥିବା ଦେଖାଯାଇଥିଲା। ଘଟଣା ସମ୍ପର୍କରେ ଆମ ପ୍ରତିନିଧି ଆମ୍ବୁଲାନ୍ସ ଚଳାଉଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଜିଆଣିର ପର୍ସନାଲ ଆମ୍ବୁଲାନ୍ସ। ବହି କଉଠୁ ଆଣାଯାଇଛି ଏବଂ କାହିଁକି ଆମ୍ବୁଲାନ୍ସରେ ବୁହାଯାଉଛି ବୋଲି ପଚାରିବାରୁ ବ୍ୟକ୍ତି ଜଣଙ୍କ ଉତ୍ତର ଦେଇଥିଲେ ଯେ ବିଇଓ କାର୍ଯ୍ୟାଳୟରୁ ବହି ଆଣାଯାଇଛି ଓ ବର୍ଷା ହେଉଥିବାରୁ ବହି ଭିଜିଯିବା ଆଶଙ୍କାରେ ଆମ୍ବୁଲାନ୍ସରେ ନେଇଯାଉଛନ୍ତି। ଏ ସମ୍ପର୍କରେ ଗୋଷ୍ଠି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବହି ବିତରଣ ଦାୟିତ୍ୱରେ ଥିବା ଅଧିକାରୀଣୀଙ୍କୁ ପଚାରିବାରୁ ଜଣାପଡ଼ିଥିଲା ଯେ ଅଷ୍ଟମ ଶ୍ରେଣୀ ପାଇଁ ୫୬୭ ଖଣ୍ଡ ବହି ନେଇଥିବା କହିଥିଲେ । ହେଲେ ଆମ୍ବୁଲାନ୍ସରେ ବହି ନେବାକୁ ନେଇ ପଚାରିବାରୁ ସେମାନେ କହିଥିଲେ ଯେ ଏହା ବିଦ୍ୟାଳୟର ପର୍ସନାଲ ଆମ୍ବୁଲାନ୍ସ ଥିବାରୁ ଏହିଭଳି ବ୍ୟବହାର କରାଯାଉଛି। କିନ୍ତୁ ଏଠାରେ ବଡ଼ ପ୍ରଶ୍ନ ଉଠୁଛି ଯେ, ଜରୁରୀ ସେବା ପାଇଁ ଥିବା ଏକ ଆମ୍ବୁଲାନ୍ସରେ ଯଦି ବହି ବୁହାଯାଉଛି, ତେବେ ଏହି ଯାନରେ ଅନ୍ୟ କୌଣସି ବ୍ୟକ୍ତିଗତ କାମ ହେଉନଥିବାର ନିଶ୍ଚିତତା କେଉଁଠି? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଆମ୍ବୁଲାନ୍ସରେ କେବେ ମଧ୍ୟ ରୋଗୀ ପରିବହନ ହେଉଥିବା ଦେଖାଯାଇନାହିଁ। ସେଥିପାଇଁ ଏହାକୁ ନେଇ ଆଉ ଏକ ପ୍ରଶ୍ନ ଉଠୁଛି— ଏହି ଆମ୍ବୁଲାନ୍ସର ନିଯୁକ୍ତ ଡ୍ରାଇଭର କିଏ? ଯଦି ଡ୍ରାଇଭର ଅଛନ୍ତି, ତେବେ ଜଣେ ଶିକ୍ଷକ ନିଜେ ଗାଡ଼ି ଚଳାଇ ବହି ନେଉଥିଲେ କାହିଁକି? ଏହା ପଛରେ ଅନ୍ୟ କୌଣସି ଅନିୟମିତତା ରହିଛି କି ନାହିଁ, ତାହା ନେଇ ସାଧାରଣରେ ସନ୍ଦେହ ବଢ଼ିଛି। ଏହି ସମଗ୍ର ଘଟଣାର ନିଷ୍ପକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି ।

## ଖଡ଼ିଆଳ ଏନଏସିରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ, ସଫେଇ କର୍ମଚାରୀଙ୍କୁ ସଫେଇ କିଟ୍ ପ୍ରଦାନ




ଖଡ଼ିଆଳ, (ମହାଭାରତ) : ନୂଆପଡା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୧୮୫ ଯୋଗ୍ୟ ହିତାଧିକାରୀମାନଙ୍କୁ ଘର ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ ସହ ସଫେଇ କର୍ମଚାରୀମାନଙ୍କୁ ସଫେଇ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଖଡ଼ିଆଳ ନୂତନ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ଉପାଧ୍ୟକ୍ଷା ଶକୁନ୍ତଳା ରାଉତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନକେତନ ମହାରଣା ଉପସ୍ଥିତ ରହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ଏନଏସି ପକ୍ଷରୁ ସଫେଇ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ କାର୍ଯ୍ୟ ସମ୍ପାଦନ ପାଇଁ ସଫେଇ କିଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଏସିର ସମସ୍ତ କାଉନସିଲରଙ୍କ ସହ ସିଏଲଟିସି- ଶାଶ୍ୱତ କୁମାର ସାହୁ, ସିଓ-ସଂଯୁକ୍ତା ପଣ୍ଡା, ଟ୍ୟାକ୍ସ ଦରୋଗା- ଇଜାର ତାଣ୍ଡି, ସାନିଟେସନ ଏକ୍ସପର୍ଟ- ଅମିତ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଏନଏସି ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ବର୍ତ୍ତମାନ ସୁଦ୍ଧା ଖଡ଼ିଆଳ ଏନଏସି ଅଞ୍ଚଳରେ ପାଖାପାଖି ୩,୦୦୦ ପ୍ରଧାନମନ୍ତ୍ରୀ ଆବାସ ଘରର ବଣ୍ଟନ ଓ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଆଗାମୀ ଦିନରେ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଏନଏସି ପକ୍ଷରୁ ନିରନ୍ତର ପଦକ୍ଷେପ ନିଆଯାଉଛି ବୋଲି ଏନଏସି ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଗଣିଆ, ୧/୭(ମହାଭାରତ): ଗଣିଆ ଥାନା ପୋଲିସକୁ ପେଟ୍ରୋଲିଙ୍ଗ ସମୟରେ ଏକ ବଡ଼ ସଫଳତା ମିଳିଛି। ଦଶିପୁର ଅଞ୍ଚଳରେ ପେଟ୍ରୋଲିଙ୍ଗ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ପ୍ରାୟ ୧୩ କେଜି ଗଞ୍ଜେଇ ଓ ଏକ ବାଇକ୍ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲେମ୍ବୁଜେନାପୁର ଗ୍ରାମର (ପୋଷ୍ଟ- ଅଲରା, ଥାନା ନରସିଂହପୁର) ଭଗବାନ ସାହୁଙ୍କ ପୁତ୍ର ସୁଧକର ସାହୁ (୬୦)। ସୂଚନା ଅନୁଯାୟୀ, ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଏବଂ ଏଏସଆଇ ସାହା ଆଲମ ଖାଁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦଶିପୁର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଓ ପେଟ୍ରୋଲିଙ୍ଗ କଡ଼ାକଡ଼ି କରୁଥିଲେ। ଏହି ସମୟରେ ସୁଧକର ସାହୁଙ୍କ ଗତିବିଧିକୁ ନେଇ ପୋଲିସର ସନ୍ଦେହ ହୋଇଥିଲା। ତଲାସୀ ସମୟରେ ତାଙ୍କ ପାଖରୁ ୧୩ କେଜି ବେଆଇନ ଗଞ୍ଜେଇ ମିଳିଥିଲା। ପୋଲିସ ଗଞ୍ଜେଇକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି।

## ପାଟଣା ଥାନାରେ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ




ପାଟଣା, (ମହାଭାରତ) : ରାଜ୍ୟ ପୋଲିସ ପ୍ରସାଶନ ପକ୍ଷରୁ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ରେ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ନିଶାମୁକ୍ତ କାର୍ଯ୍ୟକ୍ରମ ସିଧାସଳଖ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୟାବି ଖୁରାନିଆ ଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇ ଛି। ଏହି ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ମୁଖ୍ୟ ରାଜ୍ୟ କୁ କିପରି ନିଶାମୁକ୍ତ କରାଯାଇ ପାରିବ ଏକ ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭିଭାଷଣ ରଖିଥିଲେ। ସେହି ପରି ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି। ଏହି ସମାଜ ରେ ନିଶା ଏକ ଅପରିହାର୍ଯ୍ୟ ହୋଇପଡି ଥିବା ବେଳେ ନିଶା କୁ କିପରି ସମାଜ ରୁ ହଟାଇ ନିଶାମୁକ୍ତ କରିବା ଅଭିଭାଷଣ ରଖି ଥିଲେ। ଏହି କାର୍ଯ୍ୟକ୍ରମ ରେ ପାଟଣା ବଣିକ ସଂଘ ସଭାପତି ପ୍ରସନ୍ନ କୁମାର ଭଞ୍ଜ, ଅଞ୍ଚଳ ବୁଦ୍ଧିଜୀବୀ ଲକ୍ଷ୍ମଣ ଦାଶ, ପ୍ରଦୀପ ବେହେରା,ତଥା ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ସୂଚାର ରୂପେ ଅତିରିକ୍ତ ଥାନା ଅଧିକାରୀ ଧନେଶ୍ୱର ପାତ୍ର, ଗୌରମଣି ଗ୍ରାଡିଆ ପରିଚାଳନା କରିଥିଲେ।

## ଇଫକୋ ଡି.ଏ.ଭି ବିଦ୍ୟାଳୟର ୨୧ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ମହାସମାରୋହରେ ପାଳିତ




ପାରାଦ୍ୱୀପ, (ମହାଭାରତ) : ଇଫକୋ ସ୍ଥିତ ଡି.ଏ.ଭି ବିଦ୍ୟାଳୟର ୨୧ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ଇଫକୋ ସାମୁଦାୟିକ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି।ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଫକୋ ପାରାଦ୍ୱୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର 'ବ୍ୟକ୍ତିତ୍ୱ ବିକାଶ' ବିଭାଗ ପ୍ରଫେସର ଏ.ଏ. ଖାନ୍, ଇଫକୋ ଅର୍ଥ ବିଭାଗ ମୁଖ୍ୟ ଓ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ଡି.ନାୟକ, ମାନବ ସମ୍ବଳ ମୁଖ୍ୟ ପରିଚାଳକ ବି.କେ.ପରିଡା, ଇଫକୋ ଅଫିସର୍ସ ସଙ୍ଘ ସଭାପତି ଓ ସମ୍ପାଦକ, ବିଦ୍ୟାଳୟର ପରିଚାଳନା ସମିତି ସଦସ୍ୟ ସୁଶାନ୍ତ କୁମାର ଜେନା ଓ ଶ୍ରୀ ସତ୍ୟଜିତ ଖୁଣ୍ଟିଆ, ଅଭିଭାବକ ପ୍ରତିନିଧି ସୁପ୍ରଭାତ ସୀଲ୍ ଓ ଶ୍ରୀମତୀ ଲତିକା ନାୟକ, ପି.ପି.ଏଲ .ଏଲ ଡିଏଭି ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ପିପିଟି ଡିଏଭି ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତା, ତଥା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଓ ବିଗତ୨୦ ବର୍ଷର ଗୌରବବାହ ଓ ଘଟଣାବହୁଳ ଯାତ୍ରାପଥର ବିହଙ୍ଗାବଲୋକନ କରିବା ସହ ବିଦ୍ୟଳୟ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ ପି.କେ.ମହାପାତ୍ର, ଛାତ୍ରଛାତ୍ରୀ, ଅଭିଭାବକ ମଣ୍ଡଳୀଙ୍କୁ ନିଜ ବକ୍ତବ୍ୟରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଉପରେ ଆଲୋକପାତ କରିବା ସହ ଏହାର କ୍ରମଉନ୍ନତି ଓ ଛାତ୍ରଛାତ୍ରୀଙ୍କ ପ୍ରତିଭାର ପ୍ରଶଂସା କରିବା ସହ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମଣ୍ଡଳୀଙ୍କ ସାମୁହିକ ଦ୍ୟମର ଆବଶ୍ୟକ?ତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ଶିଳା ପଟ୍ଟନାୟକ ୨୦୨୫-୨୬ ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷାଫଳର ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ୫୬ଜଣ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାମୁହିକ ସଙ୍ଗୀତ ପ୍ରସ୍ତୁତ କରିବାସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଗିଭ୍ ବ୍ଲଡ୍ ସେଭ୍ ଲାଇଫ୍ ଅନୁଷ୍ଠାନ ପକ୍ଷରୁ ଡାକ୍ତର ଦିବସ ପାଳିତ

ନୟାଗଡ଼, (ମହାଭାରତ) : ଇଟାମାଟିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗିଭ୍ ବ୍ଲଡ୍ ସେଭ୍ ଲାଇଫ୍ ଆନୁକୂଲ୍ୟରେ ଏସ୍.ଡି. ମେମୋରିଆଲ ହସ୍ପିଟାଲ ପରିସରରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟ ଙ୍କ ଜନ୍ମଦିନ ତଥା ଜାତୀୟ ଡାକ୍ତର ଦିବସ ଶିକ୍ଷାବିତ୍ ଅଶୋକ କୁମାର ନାୟକ ଙ୍କ ପୌରୋହିତ ରେ ପାଳନ ହୋଇଯାଇଛି। ଅନୁଷ୍ଠାନ ର ସଭାପତି ତଥା ସମାଜସେବୀ ଭାଗୀରଥି ବାଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ଡାକ୍ତର ମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଡାକ୍ତର ରାଜ କିଶୋର ବରାଡ଼, ଡାକ୍ତର କେଦାର ପାଳ, ଡାକ୍ତର ସଂକଳ୍ପ ପଟ୍ଟନାୟକ, ଡାକ୍ତର ଜି.ଏନ୍.ବି ଭୁବନେଶ୍ୱର ସାହୁ ଏବଂ ଡାକ୍ତର ସୁଶିଲ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ମାନଙ୍କ ସମାଜ ପ୍ରତି ଅବଦାନ ଅବିସ୍ମରଣୀୟ। ସେମାନେ ହିଁ ରାଷ୍ଟ୍ରର ପରିସମ୍ପତି। ଡାକ୍ତର ମାନଙ୍କର ନିରାପତ୍ତା, ସେବା ଦେବା ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରିବା ଆମ୍ଭ ମାନଙ୍କ କର୍ତ୍ତବ୍ୟ। ପ୍ରାକୃତିକ ବିପର୍ଯ୍ୟୟ ଏବଂ ମହାମାରୀ ସମୟରେ ନିଜ ଜୀବନକୁ ସଙ୍କଟାପନ୍ନ କରି ଡାକ୍ତର ମାନେ ପ୍ରଦାନ କରୁଥିବା ସେବା ସମଗ୍ର ମଣିଷ ଜାତି କି ଋଣି କରିଦେଇଛି ବୋଲି ଅତିଥି ମାନେ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମାଜସେବୀ ଭାଗୀରଥି ବାଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଶ୍ରୀ ଜଗନ୍ନାଥ ଦାସ ସଞ୍ଚାଳନ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଦୁର୍ଯ୍ୟୋଧନ ନାୟକ, ରଙ୍ଗନାଥ ବେହେରା, ଉମେଶ ଚନ୍ଦ୍ର ପଟ୍ଟନାୟକ, ରାଜ କିଶୋର ନାୟକ, ବିଶ୍ୱନାଥ ମହାପାତ୍ର, ସଚ୍ଚିଦାନନ୍ଦ ସାଥୁଆ, ଶ୍ୟାମ ସୁନ୍ଦର ପାତ୍ର, ପ୍ରକାଶ ପଟ୍ଟନାୟକ ଅମିତା ପ୍ରଧାନ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ହସ୍ପିଟାଲ୍ ର ମ୍ୟାନେଜର ଅମୂଲ୍ୟ ପ୍ରଧାନ, ବବୁଲ ଦାସ, ଅଜୟ କୁମାର ସାହୁ, ରାକେଶ କୁମାର ଦାସ ସହଯୋଗ କରିଥିଲେ ଏବଂ ମାଗୁଣି ଚରଣ ଖଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଥୁଆମୂଳ ରାମପୁର ଥାନାରେ ଓଡିଶା ପୋଲିସ ଭରଚ୍ୟୁଆଲ ମୋଡରେ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ




ଥୁଆମୁଳ ରାମପୁର, (ମହାଭାରତ) : ଓଡିଶାକୁ ସମ୍ପୂର୍ଣ୍ଣ ଭାବରେ ନିଶାମୁକ୍ତ କରିବା ପାଇଁ ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ଆସନ୍ତା ୩ ବର୍ଷ ଭିତରେ ରାଜ୍ୟରୁ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ମୂଳପୋଛ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହିପ୍ରେକ୍ଷିରେ ସାରା ରାଜ୍ୟର ସମସ୍ତ ପୋଲିସ ଥାନାରେ ତା ୦୧/୦୭/୨୦୨୬ ବୁଧବାର ଦିନ ସିଧାସଳଖ ଭରଚ୍ୟୁଆ ମୋଡରେ ଓଡିଶା ପୋଲିସ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ଥାନାରେ ମଧ୍ୟ ଓଡିଶା ପୋଲିସ ନିଶାମୁକ୍ତ ଓଡିଶା ଅଭିଯାନ ଭରଚ୍ୟୁଆ ମୋଡ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛନ୍ତି। କାର୍ଯ୍ୟକ୍ରମରେ ବିଚାର ପୂର୍ବ ମାଦକଦ୍ରବ୍ୟ ନିଷ୍କ୍ରିୟକରଣ କାର୍ଯ୍ୟକ୍ରମରେ ସାମୁହିକ ନିଶା ବିରୋଧୀ ଶପଥ ଗ୍ରହଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଏସଆଇ ସୁଶାନ୍ତ ପଣ୍ଡା,ଏସଆଇ ସନ୍ତୋଷ କୁମାର ସେଠ୍ ସମେତ୍ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ। ଅଭିଯାନ ର ମୁଖ୍ୟ ଉଦେଶ୍ୟ ହେଉଛି ଯୁବ ସମାଜକୁ ନିଶାଠାରୁ ଦୂରେଇ ରଖିବା ପାଇଁ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସମାଜିକ ଗଣମାଧ୍ୟମରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଗୁଡିକ ଚାଲିଛି। ତେବେ ସମାଜର ପ୍ରତ୍ୟେକ ଯୁବକ ଯୁବତୀ ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ଦାୟିତ୍ୱ ନିଜେ ନିଜେ ଯଦି ବହନ କରିବାରେ ସହାୟକ ହେବେ ତେବେ ନିଶାମୁକ୍ତ ଓଡିଶା ଗଠନ ହେବାରେ କୌଣସି ଅସୁବିଧା ହେବନାହିଁ।

## ଏଲ୍‌ଇଡି ଲାଇଟ୍ ଅନିୟମିତତା, ବଢ଼ିବ ପୂର୍ବତନ ସିଡିଓଙ୍କ ପାଇଁ ଅଡୁଆ ତଦନ୍ତ ସାରି ଫେରିଲା ଭିଜିଲାନ୍ସ, ପାଣିରେ ପଡ଼ିଲା ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା




ନୟାଗଡ଼, (ମହାଭାରତ) : ଜିଲ୍ଲାର ୧୯୧ ପଞ୍ଚାୟତରେ ଏଲ୍?ଇଡି ଲାଇଟ ଲଗାଇବାରେ ହୋଇଥିବା ଅନିୟମିତତାକୁ ନେଇ ଭିଜିଲାନ୍ସ ନୟାଗଡ଼ ରେ ଦୁଇଦିନ ହେବ ଛାନଭିନ୍ କରି ଫେରିଛି। ଏହାକୁ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ଠିକାସଂସ୍ଥା ଟ୍ରାନ୍ସପାୱାର ମାଲିକ ମୟୂରଭଞ୍ଜ ଜିଲ୍ଲା ବାରିପଦା ପ୍ରଫୁଲ୍ଲ ନଗରର ଗିରିଜା ଶଙ୍କର ଦାଶଙ୍କୁ ଗିରଫ କରାଯାଇଛି। ଉକ୍ତ ଠିକାସଂସ୍ଥା ନିମ୍ନମାନର ଏଲଇଡି ଲାଇଟ ଲଗାଇ ସରକାରୀ ଅଧିକାରୀଙ୍କୁ ଅସ୍ତ୍ର କରି ବ୍ୟାପକ ଅନିୟମିତତା କରିଥିବା ଭିଜିଲାନ୍ସ ସୂଚନା ପାଇଛି। ଏଲଇଡି ଲାଇଟ ପାଇଁ ଆବଶ୍ୟକ ସରଞ୍ଜାମ ନ ଲଗାଇ ମିଥ୍ୟା ଭାଉଚର କରି ସରକାରୀ ଅର୍ଥ ଆତ୍ମସାତ କରାଯାଇଛି। ୨୦୧୮-୧୯ରେ ଆଲୋକୀକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଥିଲା। ନୟାଗଡ଼ ଜିଲ୍ଲାର ପ୍ରତି ପଞ୍ଚାୟତରେ ଗୋଟିଏ ଗାଁକୁ ଏଥିରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଥିଲା। ମାତ୍ର କୌଣସି କାରଣରୁ ଏହି କାମ ହୋଇପାରିନଥିବା ବେଳେ ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ମସିହାରେ ୪ ବର୍ଷର ଅନୁଦାନରେ ଏକକାଳୀନ କାମ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଫଳରେ ପ୍ରତି ପଞ୍ଚାୟତର ସର୍ବାଧିକ ଜନସଂଖ୍ୟା ଥିବା ୪ ଗାଁକୁ ପ୍ରାଧାନ୍ୟ ଦିଆଯାଇ ଏଲଇଡି ଲାଇଟ ଲଗାଗଲା। ପ୍ରତି ଗାଁରେ ୧୦ଟି ଏଲଇଡି ଲାଇଟ ଲଗାଯାଇଥିଲା। ଏଥିପାଇଁ ପ୍ରତି ପଞ୍ଚାୟତ ରୁ ୫ମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ଅନୁଦାନ ଯୋଗାଇ ଦିଆଯାଇଥିଲା। ପ୍ରତି ପଞ୍ଚାୟତରୁ ୨ ଲକ୍ଷ ୬୦ ହଜାର ଟଙ୍କା ଅଣାଯାଇ ଜିଲ୍ଲା ପରିଷଦ ପକ୍ଷରୁ କାର୍ଯ୍ୟ ସମାପନ ହୋଇଥିଲା। ସରକାରଙ୍କ ପକ୍ଷରୁ ଟେଣ୍ଡର କରାଯାଇ ଠିକା ସଂସ୍ଥା ଚୟନ କରାଯାଇଥିଲା। ଜିଲ୍ଲା ପରିଷଦ ମାଧ୍ୟମରେ କାର୍ଯ୍ୟ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ଠିକା ସଂସ୍ଥା କାର୍ଯ୍ୟାଦେଶ ପାଇବା ପରେ ବିଭିନ୍ନ ପଞ୍ଚାୟତରେ ଏଲ୍?ଇଡି ଲାଇଟ ଲଗାଇଥିଲା। କିନ୍ତୁ କୌଣସି ସରଞ୍ଜାମ ନ ଲଗାଇ ସରପଞ୍ଚ ଓ ପିଇଓ ଙ୍କ ଠାରୁ ସାର୍ଟିଫିକେଟ୍ ହାତେଇଥିଲା। ଉକ୍ତ ସାର୍ଟିଫିକେଟ କୁ ଆଧାର କରି ସମ୍ପୃକ୍ତ ବ୍ଲକର ବିଡିଓ ଠିକା ସଂସ୍ଥା କୁ ବିଲ୍ ପୈଠ କରିବାକୁ ଜିଲ୍ଲା ପରିଷଦକୁ ସୁପାରିସ କରିଥିଲେ। ବିଡିଓ ଙ୍କ ସୁପାରିସ ତଥା ସରପଞ୍ଚ ଓ ପିଇଓ ଙ୍କ ସାର୍ଟିଫିକେଟ୍ ଆଧାରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଠିକା ସଂସ୍ଥା କୁ ବିଲ୍ ପୈଠ କରିଛନ୍ତି। ଏହାସହ ବିଦ୍ୟୁତ୍ ବିଭାଗ ମଧ୍ୟ ଉକ୍ତ କାର୍ଯ୍ୟର ତନଖି କରିବା ପାଇଁ ୬% ପ୍ରତିଶତ ଅର୍ଥ ପାଇ ତନଖି ସାର୍ଟିଫିକେଟ୍ ପ୍ରଦାନ କରିଥିଲା। ନୟାଗଡ଼ ଜିଲ୍ଲାର ତତ୍କାଳୀନ ସିଡିଓ ସୁବାସ ଚନ୍ଦ୍ର ରାୟଙ୍କ ସମୟରେ ଏହି ଅନିୟମିତତା ହୋଇଛି। ରାୟ ନିଜ କ୍ଷମତାର ଅପବ୍ୟବହାର କରି ଠିକା ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ତାଙ୍କ ସମୟରେ ଠିକା ସଂସ୍ଥା କୁ ସିଂହଭାଗ ବିଲ୍ ପୈଠ କରାଯାଇଥିବା ବେଳେ ଏବେକାର ସିଡିଓ ଲଗ୍ନଜିତ ରାଉତଙ୍କ ସମୟରେ ଶେଷ ବିଲ୍ ପ୍ରଦାନ କରାଯାଇଛି। ତା' ସହ ଠିକା ସଂସ୍ଥା ୫ ବର୍ଷର ଗ୍ୟାରେଣ୍ଟି କାର୍ଯ୍ୟକାରୀ କରି ନଥିବାରୁ ଜରିମାନା ଆଦାୟ କରାଯାଇଛି। ଗତ ଜୁନ ୬ ତାରିଖ ଜିଲ୍ଲାପାଳ ଠିକା ସଂସ୍ଥାର ଟେଣ୍ଡର ଚୁକ୍ତି ବାତିଲ କରିଛନ୍ତି। ଭିଜିଲାନ୍ସ ବିଭାଗ ପ୍ରାଥମିକ ଭାବେ ଜିଲ୍ଲାରେ ୧ କୋଟି ଟଙ୍କା ଅନିୟମିତତା ହୋଇଥିବା ସୂଚନା ଦେଇଥିବା ବେଳେ ଏହି ପରିମାଣ ବୃଦ୍ଧି ପାଇବା ସମ୍ଭାବନା ଦେଖାଯାଇଛି। ୨ ହଜାର ଟଙ୍କାରୁ କମ୍ ମୂଲ୍ୟର ଗୋଟିଏ ଏଲଇଡି ଲାଇଟ ଲଗାଇବା ପାଇଁ ୧୨ ହଜାରରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ମିଳିଛି।

## ଦାୟିତ୍ୱବାନ ପ୍ରିନ୍ସିପାଲଙ୍କ ବଦଳି ଆଦେଶ ବାତିଲ ଦାବିରେ ଗଜପତିରେ ଅଞ୍ଚଳବାସୀଙ୍କ ବିକ୍ଷୋଭ

ପାରଳାଖେମୁଣ୍ଡି,: ପ୍ରିନ୍ସିପାଲଙ୍କ ବଦଳି ଆଦେଶକୁ ବିରୁଦ୍ଧ କରି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତରବାସ୍ଥିତ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମ୍ମୁଖରେ ଅଞ୍ଚଳବାସୀ ବିକ୍ଷୋଭ ପ୍ରଦଶନ କରିଛନ୍ତି। ଏହି ଅନୁଷ୍ଠାନର ଦାୟିତ୍ୱବାନ ପ୍ରିନ୍ସପାଲ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅଚାନକ ଅନ୍ୟତ୍ର ବଦଳି କରାଯିବା ସହ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଅଧକ୍ଷଙ୍କୁ ନିଯୁକ୍ତ କରାଯିବା ପ୍ରତିବାଦରେ ଅଭିଭାବକଙ୍କ ସମେତ ବିଭିନ୍ନ ଗ୍ରାମର ମହିଳା ଓ ପୁରୁଷମାନେ କଲେଜ ସମ୍ମୁଖରେ ଏକତ୍ରିତ ହୋଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦଶନ କରିଥିଲେ। ଅଞ୍ଚଳବାସୀ ଏହି ବଦଳିକୁ ବାତିଲ କରି କହିଛନ୍ତି



ପ୍ରିନ୍ସପାଲ ଶ୍ରୀ ମଲ୍ଲିକଙ୍କ ଦ୍ୱାରା କଲେଜରେ ଶୃଙ୍ଖଳାର ସହ ପାଠପଢ଼ା ଯିବା ସହ କଲେଜର ଶିକ୍ଷାର ମାନ ଯଥେଷ୍ଟ ବୃଦ୍ଧି ପାଇଥିଲା। ଏଥିସହ ତାଙ୍କ ଅମଳରେ ବହୁ ବିକାଶମୂଳକ କାର୍ଯ୍ୟ କଲେଜରେ ହୋଇଥିଲା। ତେଣୁ ତାଙ୍କ ବଦଳିକୁ ବାତିଲ କରି ପୂର୍ବବ୍ ତାଙ୍କୁ କଲେଜରେ ରଖିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

## ଦୁଷ୍କର୍ମ କରିବା ମାମଲାରେ ଦୋଷୀକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି, :ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ପୋକ୍ସୋ ଆକ୍ଟର ଧାରା ୬ରେ ମୋହନା ଥାନା ଅନ୍ତର୍ଗତ ସିଙ୍ଗୁଲିପଦର ଗ୍ରାମର ଅଭିଯୁକ୍ତ ରାଜେନ୍ଦ୍ର ଜାନୀ(୨୬ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅପହରଣ ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୬୩ରେ ଉକ୍ତ ଅଭିଯକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ଏତଦବ୍ୟତୀତ ଜୀବନରେ ମାରିବାକୁ ଧମକ ଦେବା ନିମନ୍ତେ ରହିଥିବା ଧାରା ୫୦୬ ଅନୁଯାୟୀ ୨ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି ନ୍ୟାୟାଧୀଶ। ସେହିପରି ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ନିଜ ରାୟରେ ରାଜ୍ୟ ସରକାରଙ୍କ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ସାତ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିବା ସହ ପୋକ୍ସୋ ଧାରାରେ ଯେଉଁ ଜୋରିମାନା ରାଶି ଧାର୍ଯ୍ୟ କରାଯାଇଛି ।ସେହି ଜୋରିମାନାର ସମ୍ପୂର୍ଣ୍ଣ ରାଶି ପିଡିତାଙ୍କୁ ଦେବା ନିମନ୍ତେ ଉଲ୍ଲେଖ କରିଛନ୍ତିୟ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍ ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତା ୧୦-୦୨-୨୦୨୪ରିଖ ଦିନ ସନ୍ଧ୍ୟା ସମୟରେ ଯେତେବେଳେ ଏତଲାକାରି ବାପା ନିଜ ନାବାଳିକା ଝିଅ ସହ ଚନ୍ଦିପୁଟ ହାଟକୁ ପରିବା କିଣିବାକୁ ଯାଇଥିଲେ, ସେତେବେଳେ ଏତଲାକାରିଙ୍କ ଅଜାଣତରେ ତାଙ୍କ ଝିଅ କୁଆଡେ ଚାଲିଯାଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ, ହାଟରୁ ଅଭିଯୁକ୍ତଜଣଙ୍କ ତାଙ୍କୁ ଘରେ ଛାଡ଼ି ଦେବା କଥା କହି ତାଙ୍କୁ ଗାଡ଼ିରେ ପିଣ୍ଡିକି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ନେଇ ଥଣ୍ଡାପାନୀୟରେ ନିଶା ଦେଇ ତାଙ୍କ ସହ ଅସଦାଚରଣ ଓ ଦୁଷ୍କର୍ମ କରିବା ପରେ ପିଡ଼ିତାଙ୍କୁ ଆଣି ତାଙ୍କ ଘରେ ଛାଡ଼ିଦେଇଥିଲେ ।

## ପରିବହନ ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ ୯୫ ଚାଲାଣ, ୯.୮୫ ଲକ୍ଷରୁ ଅଧିକ ଜରିମାନା

ପୁରୀ,: ପବିତ୍ର ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଯାତ୍ରାକୁ ସୁରକ୍ଷିତ, ସୁଗମ ଏବଂ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ପରିବହନ ବିଭାଗ ପକ୍ଷରୁ ପୁରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ରାସ୍ତା ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଯାନବାହନ ଯାଞ୍ଚ ଅଭିଯାନ କରାଯାଇଛି।ଏହି ଅଭିଯାନରେ ପରିବହନ ବିଭାଗର ଏନଫୋର୍ସମେ□ ସ୍କ୍ୱାଡ୍ ପକ୍ଷରୁ ମୋଟରଯାନ ଆଇନ ଉଲ୍ଲଂଘନ କରୁଥିବା ଯାନବାହନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୋଟ ୯୫ଟି ଚାଲାଣ କଟାଯାଇ ୯,୮୫,୯୧୫ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି।ଅତ୍ୟଧିକ ଯାତ୍ରୀ ପରିବହନ, ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଭଡ଼ା ଆଦାୟ, ବିନା ଲାଇସେନ୍ସ କିମ୍ବା ବୈଧ କାଗଜପତ୍ରରେ ଯାନ ଚଳାଚଳ ଏବଂ ମୋଟରଯାନ ଆଇନର ଅନ୍ୟାନ୍ୟ ଉଲ୍ଲଂଘନ ବିରୋଧରେ ଏହି କଡ଼ା ପ୍ରବର୍ତ୍ତନ କରାଯାଇଛି।ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଯାତାୟାତକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏଭଳି ଯାଞ୍ଚ ଓ ପ୍ରବର୍ତ୍ତନ କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ସହକାରୀ ର୍ନିବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆଳି,(ମହାଭାରତ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସଭାଗୃହ ପରିସରରେ ମଙ୍ଗଳବାର ଅପରାହ୍ଣରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟର ସହକାରୀ ର୍ନିବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ମିହିର ଦାସଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବ୍ଲକର ବରିଷ୍ଠ କିରାଣୀ ସୁଶାନ୍ତ କୁମାର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ଯୋଗଦେଇ ଅବସର ଗ୍ରହଣ କରିଥିବା ର୍ନିବାହୀ ଯନ୍ତ୍ରୀ ଶ୍ରୀ ଦାସଙ୍କ କାର୍ଯ୍ୟ ଦକ୍ଷତା, କାର୍ଯ୍ୟ ଶୈଳୀ ନିଶ୍ଚିତ ଭାବେ ସମସ୍ତ କର୍ମଚାରୀ ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ବକ୍ତବ୍ୟରେ କହିବା ସହ ଶ୍ରୀ ଦାସଙ୍କୁ ଉପଢୌକନ, ମାନପତ୍ର, ଆଳିର ଆରାଧ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ 'ସ୍ୱଚ୍ଛତା ପଖୱାଡା-୨୦୨୬' ର ଶୁଭାରମ୍ଭ



ପାରାଦୀପ(ମହାଭାରତ): ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନେରୀରେ ଜୁଲାଇ ୧ ତାରିଖ ବୁଧବାର ଦିନ ସ୍ୱଚ୍ଛତା ପଖୱାଡା ୨୦୨୬ ଉତ୍ସାହର ସହ ଶୁଭାରମ୍ଭ ହୋଇଯାଇଛି ।ପାରାଦୀପ ରିଫାଇନେରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନେରୀ ମୂଖ୍ୟ କୌଶିକ ବସୁ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା । ଏହି ଅବସରରେ ଶ୍ରୀ ବସୁ, ସ୍ୱଚ୍ଛ ଭାରତ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ସ୍ୱଚ୍ଛତା ପ୍ରତି ସକ୍ରିୟ ଭାବେ ଭୂମିକା ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସେ ସମସ୍ତଙ୍କୁ କାର୍ଯ୍ୟସ୍ଥଳ, ଗୃହ, ନିକଟବର୍ତ୍ତୀ ଅଞ୍ଚଳ ଏବଂ ରିଫାଇନେରୀ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ପାରାଦୀପ ରିଫାଇନେରୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ କୌଶିକ ବସୁ ଏକ 'ସ୍ୱଚ୍ଛତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜୁଲାଇ ଜୁ ୧ ରୁ ୧୫, ୨୦୨୬ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସ୍ୱଚ୍ଛତା ପଖୱାଡା ଅବସରରେ, ସ୍ୱଚ୍ଛତା ସମ୍ପର୍କରେ ସଚେତନତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ସ୍ୱଚ୍ଛତା ପଖୱାଡା ଅବସରରେ, ପାରାଦୀପ ରିଫାଇନେରୀ ଏବଂ ପାରିପାର୍ଶ୍ୱ ଗ୍ରାମଗୁଡ଼ିକରେ, ବୃକ୍ଷରୋପଣ ଅଭିଯାନ, ପ୍ଲଗିଙ୍ଗ, ନୁକ୍କଡ଼ ନାଟକ, ସ୍ୱଚ୍ଛତା ଅଭିଯାନ, ସଚେତନତାମୂଳକ ଆଲୋଚନା, ଡଷ୍ଟବିନ୍ ଏବଂ ସ୍ୱଚ୍ଛତା କିଟ୍ ବଣ୍ଟନ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବା ନେଇ ରିଫାଇନେରୀ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ଜ୍ଞପ୍ତିରୁ ପ୍ରକାଶ ।

## ବେଆଇନ ଜବର ଦଖଲ, ପାଲଟିଛି ସ୍ଥାନୀୟ ଲୋକଙ୍କ ଦୁଃଖର କାରଣ

ପାରାଦୀପ(ମହାଭାରତ): ପାରାଦୀପ ଗଡ଼ ପଞ୍ଚାୟତ ୬ ନମ୍ବର ୱାର୍ଡ ରେ ଡ୍ରେନ ଉପରେ ବେଆଇନ ଘର ନିର୍ମାଣ ଫଳରେ ଅସରାଏ ବର୍ଷାରେ ଜଳର୍ଣ୍ଣବ ହୋଇପଡୁଛି ଅଞ୍ଚଳ। ଇଡ଼କୋ ଡ୍ରେନ ଉପରେ ବେଆଇନ ଭାବରେ ଘର ନିର୍ମାଣ ହୋଇଥିବା କାରଣରୁ ଡ୍ରେନ ରେ ଜଳ ନିଷ୍କାସନ ରେ ବାଧା ସୃଷ୍ଟି ହେବା ଫଳରେ ଅସରାଏ ବର୍ଷା ହେଲେ ଏହି ଅଞ୍ଚଳ ରେ ପାଣି ଲହଡି ଖେଳୁଛି । ଯାହାକୁ ନେଇ ଯେତେ ଅଭିଯୋଗ କଲେବି କିଛି ସୁଫଳ ମିଳୁନାହିଁ । ସୂଚନା ଅନୁଯାୟୀ ପାରାଦୀପ ଗଡ଼ ଗ୍ରାମ ପଞ୍ଚାୟତ ର ୬ ନମ୍ବର ୱାର୍ଡ ସତ୍ୟପ୍ରିୟା ଆଇସ ପ୍ଲାଣ୍ଟ ନିକଟରେ କିଛି ଲୋକ ବେଆଇନ ଭାବରେ ଇଡ଼କୋ ଡ୍ରେନେଜ ଉପରେ ନିଜର ଘର ତିଆରି କରିଛନ୍ତି । ଯାହା ଫଳରେ ବର୍ଷାଜଳ ନିଷ୍କାସନ ର ପ୍ରମୁଖ ରାସ୍ତା ପାଲଟିଥିବା ଏହି ଡ୍ରେନ ପୋତିହୋଇଯିବା ଫଳରେ ବର୍ଷା ଦିନ ଆସିଲେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ।ଏ ନେଇ ସ୍ଥାନୀୟ ପଞ୍ଚାୟତ ଅଧିକାରୀ, ସରପଞ୍ଚଙ୍କ ସହିତ ବିଭିନ୍ନ ଦପ୍ତର ରେ ଅଭିଯୋଗ କରିଲେ ମଧ୍ୟ କେହି କର୍ଣ୍ଣଗୋଚର କରୁନାହାନ୍ତି । ଯାହା ଫଳରେ ଚଳିତ ବର୍ଷର ବର୍ଷା ଆସିବା ପୂର୍ବରୁ ଅସରାଏ ଦୁଇ ଅସରା ବର୍ଷା ହେଲେ ଏହି ଅଞ୍ଚଳ ପୋଖରୀ ସଦୃଶ ପାଲଟୁଛି । ଯାହାକୁ ନେଇ ଇଡ଼କୋ ଅଧିକାରୀ ଙ୍କୁ ଯେତେ ଅଭିଯୋଗ ଜଣାଇଲେ ମଧ୍ୟ ଏହାର କିଛି ସୁଫଳ ମିଳିପାରୁନାହିଁ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଯଦି କେହି ଏ ନେଇ ପ୍ରତିବାଦ କରୁଛି ତେବେ ବେଆଇନ ଘର ନିର୍ମାଣ କରିଥିବା ଲୋକ ଙ୍କ ଆକ୍ରୋଶ ର ଶିକାର ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା । ଯଥାଶୀଘ୍ର ଇଡ଼କୋ କର୍ତ୍ତୃପକ୍ଷ ଏ ନେଇ ଦୃଷ୍ଟି ଗୋଚର କରିବା ସହିତ ଜବରଦଖଲ ଡ୍ରେନେଜ ଲାଇନ କୁ ଖୋଲିବାକୁ ସାଧାରଣ ରେ ଦାବି ଜୋର ଧରିଛି ।

## ମହିଳାଙ୍କୁ ମାଡ଼ ମାରି ଲୁଟିନେଲେ ପାଞ୍ଚଲକ୍ଷ ଟଙ୍କାର ଗହଣା

ଆଳି,(ମହାଭାରତ):କିଛିଦିନ ପୂର୍ବେ ବାଲକାଟି ଖଣ୍ଡିଆ ପାଟଣା ଗ୍ରାମରେ ସନ୍ଧ୍ୟା ସମୟରେ ଆନ୍ଧ୍ରା କଟୁରୀ ନେଇ ପ୍ରଦୀପ ରାଉତଙ୍କ ଘରୁ ୨୦ ଲକ୍ଷ ଟଙ୍କାର ଅଳ ଙ୍କାର ଲୁଟି ନେଇଥିଲେ । ମାସେ ପୂର୍ବେ ଏହି ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ପୁଣି ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଆଳି ନିଆଳ ହାଟ ନିକଟରେ ଥିବା ଧର୍ମଜୟ ନନ୍ଦଙ୍କ ଘରେ ମହିଳାଙ୍କୁ ଆକ୍ରମଣ କରି ପାଞ୍ଚଲକ୍ଷ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି । ଆଳି ଥାନା ଅନ୍ତର୍ଗତ ନିଆଳ ହାଟ ନିକଟରେ ଥିବା ଧର୍ମଜୟ ନନ୍ଦଙ୍କ ମାଉସୀ ପୁଅ ଆଶିଷ ରଥଙ୍କ ବାହାଘର ସରିଥିବା ବେଳେ ଲୁଟେରା ମାନେ ଗତ ରାତିରେ ତାଙ୍କ ଘର ସିଡିଘର ଆଜବେଷ୍ଟସ ତାଡ଼ି ଘରେ ପଶି ଧର୍ମଜୟଙ୍କ ମା ଙ୍କ ବେକରୁ ସୁନା ଚେନ ଲୁଟିନେବା ପରେ ତାଙ୍କୁ ଘରେ ପୁରାଇ ବନ୍ଦ କରି ଦେଇଥିଲେ । ଧର୍ମଜୟଙ୍କ ରୁମ ରେ ପଶି ମୋବାଇଲ ଓ ୨୫ ହଜାର ଟଙ୍କା ଲୁଟିନେଇଥିଲେ। ଧର୍ମଜୟଙ୍କ ପତ୍ନୀ ଶୁଭଶ୍ରୀଙ୍କ ବେକରୁ ଲୁଟେରା ମାନେ ଚେନ ଲୁଟିନେବାକୁ ଉଦ୍ୟମ କରିବା ବେଳେ ଶୁଭଶ୍ରୀ ପ୍ରତିବାଦ କରି ଲୁଟେରାଙ୍କ ଆଙ୍ଗୁଠି କାମୁଡି ଦେଇଥିଲେ । ଲୁଟେରା ମାନେ ଶୁଭଶ୍ରୀଙ୍କ ଆଖିକୁ ଆକ୍ରମଣ କରି ମାରିଦେବାକୁ ଧମକ ଦେଇ ତାଙ୍କ ନିକଟରୁ ସୁନା ଗହଣା ଲୁଟି ନେଇ ଫେରାର ହୋଇ ଯାଇଥିଲେ । ଏ ନେଇ ଧର୍ମଜୟ ଆଳି ଥାନାରେ ଅଭିଯୋଗ କରିଛନ୍ତି । ଆଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଲେଜର ଛାତ୍ରାବାସ ସ୍ଥିତି ବିପଦଜନକ ଥିବା ଦେଖି ଉଦବେଗ ପ୍ରକାଶ କଲେ ପାରଳା ବିଧାୟକ



ପାରଳାଖେମୁଣ୍ଡି: ପାରଳାଖେମୁଣ୍ଡି ଠାରେ ଥିବା ଶତାୟୁରୁ ଉର୍ଦ୍ଧ ବହୁ ପୁରାତନ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଛାତ୍ରାବାସ ଅତ୍ୟନ୍ତ ବିପଦ ସଂକୁଳ ଭାବେ ରହିଥିବା ଦେଖି ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଉଦବେଗ ପ୍ରକାଶ କରିଛନ୍ତି।ଆଜି ଏହି ପୁରାତନ ଛାତ୍ରବାସର ସ୍ଥିତି ଅନୁଧାନ ପାଇଁ ଛାତ୍ରବାସରେ ପହଞ୍ଚି ସବୁ କିଛି ପରିଦର୍ଶନ କରିବା ସହ ଏଠାରେ ରହୁଥିବା ଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତ। ଏଠାରେ ଉଲ୍ଲେଖଯୋଗ୍ୟଯେ, ଦେଶ ସ୍ୱାଧୀନ ହେବାର ୩୫ ବର୍ଷ ପୂର୍ବେ ୧୯୧୨ ମସିହାରେ ପାରଳା ମହାରାଜା ନିର୍ମାଣ କରିଥିଲେ ଏହି ଛାତ୍ରାବାସ। କଲେଜ ସ୍ଥାପନ କରିବା ସହିତ ଦୂର ଦୂରାନ୍ତରୁ କଲେଜ ପାଠ ପଢିବା ପାଇଁ ଆସୁଥିବା ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କ ରହିବା ଖାଇବା ବ୍ୟବସ୍ଥା ପାଇଁ ୪୨ କୋଠରୀ ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିଥିଲେ ଗଜପତି ମହାରାଜ। ହେଲେ ଏବେ ଏହାର ରକ୍ଷଣାବେକ୍ଷଣର ଅଭାବ ଦେଖା ଦେଇଛି। ଅନେକ ବର୍ଷ ହେଲା କୋଠରୀ ଗୁଡିକରେ ଚୂନ ଦିଆଯାଇ ନଥିବା ବେଳେ ହୋଷ୍ଟେଲ ପରିସର ଘାସ ବୁଦାରେ ପରିପୂର୍ଣ୍ଣ ହୋଇ ଅତ୍ୟନ୍ତ ବିପଦ ସଂକୁଳ ହୋଇରହିଛି। ଏଥିସହ ଛାତ୍ରବାସର ପରିସରରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନାହିଁ, ଶୌଚାଳୟ ଓ ଗାଧୁଆଘର ଦୟନୀୟ ହୋଇ ପଡ଼ିଛି। ଖେଳକୁଦ ପାଇଁ ଅନ୍ତେବାସୀଙ୍କ ପାଇଁ ପ୍ରୋତ୍ସାହନ ନାହିଁ। ଏଭଳି ବିଭିନ୍ନ ସମସ୍ୟା ମଧ୍ୟରେ ଛାତ୍ରମାନେ ଏହି ଛାତ୍ରାବାସରେ ରହି ପାଠପଢୁଛନ୍ତି। ଆଜି ଯାଏଁ କୈଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ଏଠାକାର ସମସ୍ୟା ଉପରେ ଦୃଷ୍ଟି ଦେଇ ନଥିବା ସ୍ଥଳେ ପାରଳା ବିଧାୟକ ହଠାତ୍ ଛାତ୍ରାବାସ ଭିତରେ ପ୍ରବେଶ କରି କୋଠରୀ ଗୁଡିକ, ରୋଷେଇ ଘର, ଶୌଚାଳୟ, ଗାଧୁଆଘର ବୁଲି ଦେଖିବା ସହ ଅନ୍ତେବାସୀ ଓ ହୋଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଛାତ୍ରାବାସର ସମସ୍ୟାର ସମାଧାନ ଓ ଏହାର ପୁନରୁଦ୍ଧାର ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ବିଧାୟକ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମହିଳା ମୃତ,ପୁଅ ଆହତ



ନୂଆଗାଁ (ମହାଭାରତ ) : ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ନୂଆଗାଁ ଥାନା ସୋରଡ଼ା ଠାରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ଦଶପଲ୍ଲା ଥାନା ଖମାରସାହି କରଡ଼ା ଗାଁ ର ମିନତୀ ବିଶ୍ୱାଳ (୪୪)। ମହିଳା ଜଣଙ୍କ ତାଙ୍କ ପୁଅ ସୋମନାଥ ବିଶ୍ୱାଳ ସହିତ ଘରୁ ବାହାରି ସ୍କୁଟି ଯୋଗେ ମହୀପୁର ନିଜ ଝିଅ ଘରକୁ ଯାଉଥିଲେ।ଉଭୟ ଦିଗରୁ ନୟାଗଡ଼ ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ଓଡ଼ି୦୫ ଏକେ ୭୮୧୫କୁ ଅତିକ୍ରମ କରୁଥିବା ବେଳେ ତାର ବିପରୀତ ଦିଗରୁ ଆସୁଥିବା ଗୋଟିଏ ବାଇକ ସହ ଧକ୍କା ହୋଇ ମାଆ ମିନତୀ ଛିଟିକି ଟ୍ରକ ଚକା ତଳେ ପଡିଯାଇଥିଲାୟଟ୍ରକ ଟି ଉପରେ ଚଢି ଯାଇଥିଲା।ଘଟଣାସ୍ଥଳରେ ହିଁ ମିନତୀ ଙ୍କ ମୃତ୍ୟୁ ହୋଇଥିଲା।ତାଙ୍କ ପୁଅ ଛିଟିକି ପଡିଥିବାରୁ ହାତ ଭାଙ୍ଗିଯିବା ସହ ଗୁରୁତର ହୋଇଥିଲେ।ଖବର ପାଇ ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ସମେତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୋମନାଥଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯିବା ସହ ସେଠାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।ଅନ୍ୟପଟେ ମିନତୀଙ୍କ ମୃତ ଶରୀର ଶବ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଡାକ୍ତରଖାନାକୁ ପଠା ଯାଇଥିଲା।ଖବର ପାଇ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିଥିଲେ। ଗୁରୁତରଙ୍କ ଚିକିତ୍ସା ଓ ମୃତକଙ୍କ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରାଇଥିଲେ।ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ପହଞ୍ଚି ମୃତାହତ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଲେଖାଏଁ ଦେବାକୁ ଘୋଷଣା କରିଥିଲେ।ଅନ୍ୟପଟେ ଟ୍ରକକୁ ଜବତ କରି ଥାନାକୁ ଅଣାଯାଇଥିବା ନୂଆଗାଁ ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବାଣିଗୋଛା ଥାନାରେ 'ଆମ ପୋଲିସ ସମିତି' ବୈଠକ



ଦଶପଲ୍ଲା, (ମହାଭାରତ):ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ଥାନା ପରିସରରେ ମଙ୍ଗଳବାର ଦିନ 'ଆମ ପୋଲିସ ସମିତି'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ଆବାହକତ୍ୱ ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବୈଠକରେ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେୟ ସମାଜରେ ଶାନ୍ତି, ଶୃଙ୍ଖଳା ରକ୍ଷା କରିବା ସହ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ କିଭଳି ଏକ ସୁଦୃଢ଼ ସୁସମ୍ପର୍କ ଏବଂ ଉତ୍ତମ ସମନ୍ୱୟ ପ୍ରତିଷ୍ଠା ହୋଇପାରିବ, ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।ଜନସାଧାରଣଙ୍କ ଭୟ ଦୂର କରି ପୋଲିସ ପ୍ରଶାସନକୁ ଅଧିକ ଜନାଭିମୁଖୀ କରିବା, ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଏହି ଅବସରରେ ଗୁରୁ ଆରୋପ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ଅଞ୍ଚଳର ବିକାଶ ଓ ସୁରକ୍ଷା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

## ଜିଲ୍ଲାସ୍ତରୀୟ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ' କାର୍ଯ୍ୟକ୍ରମ ଉଦଘାଟିତ

ଅନୁଗୋଳ: ଅନୁଗୋଳ ଜିଲ୍ଲାର ବ୍ୟାପକ ଶିଳ୍ପ ସମ୍ଭାବନା ଓ ଶିଳ୍ପ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ନିମନ୍ତେ ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ବିଜୁ ମଇଦାନଠାରେ ଉଦଘାଟିତ ହୋଇଯାଇଛି। ଏହି ପାଞ୍ଚ ଦିନିଆ ପ୍ରଦର୍ଶନୀକୁ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନୁଗୋଳ ପୌରପାଳିକାର ଅଧକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭାରମ୍ଭ କରିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ଶିବାଶିଷ କାନୁନଗୋଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ଉତ୍ପାଦନକାରୀ ଏମଏସଇ (ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଗୁଡ଼ିକୁ



ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବା ପାଇଁ ୩୦ଟି ସ୍ୱତନ୍ତ୍ର ଷ୍ଟଲ୍ ଆବଣ୍ଟନ କରି ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।ଉଦଘାଟନୀ ଅବସରରେ ମାନ୍ୟବର ବିଧାୟକ ଓ ପୌରପାଳିକା ଅଧକ୍ଷ ସମସ୍ତ ଷ୍ଟଲ୍ ବୁଲି ଦେଖିବା ସହ ଉଦ୍ୟୋଗୀମାନଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଯୁବପିଢ଼ିଙ୍କୁ ଚାକିରି ପାଇଁ ଅପେକ୍ଷା କରିବାର ମାନସିକତାରୁ ଆଗକୁ ବଢ଼ି ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ନିମନ୍ତେ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ସହିତ ସମାନ୍ତରାଳ ଭାବରେ ଉଦ୍ୟୋଗୀତା ସଚେତନତା ଏବଂ ଋଣ ସୁବିଧା ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ସେମିନାର ଆୟୋଜିତ ହୋଇଥିଲା। ଏହି ଅବସରରେ "ମହିଳା ଉଦ୍ୟୋଗିତା ମଞ୍ଚ, ଓଡ଼ିଶା ଆ୍ମୟ'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ସମ୍ଭାବ୍ୟ ମହିଳା ଉଦ୍ୟୋଗୀମାନେ କିଭଳି ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ଆନୁଷ୍ଠାନିକ ବ୍ୟାଙ୍କ ଋଣ ଏବଂ ଆର୍ଥିକ ସହାୟତା ପାଇପାରିବେ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସହାୟକ ଶିଳ୍ପ ଅଧିକାରୀ ଶ୍ରୀ ହିମାଂଶୁ ଶେଖର ସାହୁ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦ□ ଆର୍ଥିକ ପ୍ରୋତ୍ସାହନ ଓ ଯୋଜନା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ୟୁକୋ ବ୍ୟାଙ୍କର ଲିଡ୍ ବ୍ୟାଙ୍କ ପରିଚାଳକ ଶ୍ରୀ ଦୀପକ ମିଶ୍ର ଯୋଗଦେଇ ନୂତନ ବ୍ୟବସାୟ ଓ ଉଦ୍ୟୋଗ ସ୍ଥାପନ ପାଇଁ ବ୍ୟାଙ୍କଗୁଡ଼ିକରୁ ଆନୁଷ୍ଠାନିକ ସୂତ୍ରରେ ଋଣ ନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହାୟକ ଶିଳ୍ପ ଅଧିକାରୀ ଯଶୋବନ୍ତ ଦାସ, ଅଙ୍କିତ ସାମଲ ଏବଂ ମାନସ ଭଞ୍ଜଦେଓଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟକୁ ଯିବେନି ସିଜେପି ସଂସ୍ଥାପକ ଅଭିଜିତ ଦିପକେ




ନୂଆଦିଲ୍ଲୀ, ୦୧/୦୭ : ଅଭିଜିତ ଦିପକେ କକରୋଚ୍ ଜନତା ପାର୍ଟିର ସଂସ୍ଥାପକ, କମେଡିଆନ ସମୟ ରୈନାଙ୍କ ଲୋକପ୍ରିୟ ଶୋ ଇଣ୍ଡିଆସ ଗଟ ଟ୍ୟାଲେ□ ବିଷୟରେ ବଡ଼ ମତାମତ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କୁ ଏହି ଶୋ'ର କମେଡି ଶୈଳୀ ପସନ୍ଦ ନୁହେଁ, ତେଣୁ ସୁଯୋଗ ମିଳିଲେ ମଧ୍ୟ ସେ ଏହି ଶୋ'କୁ ଯିବେ ନାହିଁ । ସମ୍ପ୍ରତି ଅନଫିଲ୍ଟରଡ ବାଏ ସମଦିଶଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ଅଭିଜିତ ଦିପକେଙ୍କୁ ପଚରାଯାଇଥିଲା ଯେ ସେ କେଉଁ କମେଡିଆନଙ୍କ ହାସ୍ୟକୁ ପସନ୍ଦ କରନ୍ତି । ଏହାର ଉତ୍ତରରେ ସେ କୁଣାଲ କାମରା, ବରୁଣ ଗ୍ରୋଭର ଓ ଅନୁରାଗ ମାଇନସ୍ ବର୍ମାଙ୍କ ନାମ ନେଇ କହିଥିଲେ ଯେ ସେମାନଙ୍କର ସାମାଜିକ ଟିପ୍ପଣୀ ଓ ପର୍ଯ୍ୟବେକ୍ଷଣ ତାଙ୍କୁ ଖୁବ ଭଲ ଲାଗେ । ଯେତେବେଳେ ତାଙ୍କୁ ପଚରାଗଲା ଯେ ଇଣ୍ଡିଆସ ଗଟ ଟ୍ୟାଲେ□ରୁ ଡାକ ଆସିଲେ ସେ ଯିବେ କି ନାହିଁ, ସେ ସ୍ପଷ୍ଟ ଭାବେ କହିଥିଲେ, ମୁଁ ସେହି ଶୋକୁ ଯିବି ନାହିଁ। ମୋତେ ସେହି ପ୍ରକାରର କମେଡି ପସନ୍ଦ ନୁହେଁ।କାହିଁକି ଯିବେ ନାହିଁ ବୋଲି ପଚାରାଯିବାରେ ସେ କାହାର ନା ନ ନେଇ କହିଥିଲେ ଯେ କିଛି ଲୋକ ନିଜର ସୁବିଧା ଓ ପ୍ରିଭିଲେଜ୍ ଥିବାରୁ ସହଜ ରାସ୍ତା ବାଛିନେଇଥାନ୍ତି । ଏପଟେ ଇଣ୍ଡିଆସ ଗଟ ଟ୍ୟାଲେ□ ର ପ୍ରଥମ ସିଜନ୍ ବିବାଦରେ ରହିବା ପରେ କିଛି ଦିନ ତଳେ ଦ୍ୱିତୀୟ ସିଜନ୍ ଆରମ୍ଭ ହୋଇଛି। ପ୍ରଥମ ଏପିସୋଡ୍‌ରେ ଆଲିଆ ଭଟ୍ଟ ଓ ଶର୍ବରୀ ପ୍ୟାନେଲିଷ୍ଟ ଭାବେ ନଜର ଆସିଥିଲେ। ଶୋକୁ ଦର୍ଶକଙ୍କ ପକ୍ଷରୁ ଉଭୟ ମିଶ୍ର ପ୍ରତିକ୍ରିୟା ମିଳିଥିଲା। କିଛି ଦର୍ଶକ କହିଥିଲେ ଯେ ପ୍ରଥମ ସିଜନ୍ ପରି ଏହା ସ୍ୱାଭାବିକ ନୁହେଁ ଏବଂ ଅଧିକ ସ୍କ୍ରିପଟେଡ୍ ଲାଗୁଥିଲା। ରିପୋର୍ଟ ଅନୁସାରେ, ଦ୍ୱିତୀୟ ଏପିସୋଡ୍‌ରେ କରନ ଔଜଲା ଓ ତନମୟ ଭଟ୍ଟ ପ୍ୟାନେଲିଷ୍ଟ ଭାବେ ନଜର ଆସିପାରନ୍ତି। ତେବେ ଏନେଇ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପୁଷ୍ଟି ହୋଇନାହିଁ ।

# ଏକାନ୍ତବାସରେ ଚମ୍ପତ ରାୟ, କଳଙ୍କ ନେଇ ଅଯୋଧ୍ୟା ଛାଡିବି ନାହିଁ

ଉତ୍ତରପ୍ରଦେଶ, ୦୧/୦୭ : ରାମ ମନ୍ଦିର ଦାନବାକ୍ସ ଚୋରି ମାମଲାରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟଙ୍କୁ ବିରୋଧୀ ଆକ୍ରମଣର ଶିକାର ହୋଇଛନ୍ତି । ଅଭିଯୁକ୍ତଙ୍କ ମଧ୍ୟରେ ଚମ୍ପତଙ୍କୁ ସାର୍ବଜନିକ ଭାବରେ ଖୁବ୍ କମ୍ ଦେଖିବାକୁ ମିଳିଛି । ସେ ବର୍ତ୍ତମାନ ଏକାନ୍ତରେ ଅଛନ୍ତି ଏବଂ ଏସଆଇଟିର ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛନ୍ତି ବୋଲି କୌଣସି ଏକ ରିପୋର୍ଟରୁ ସୂଚନା ମିଳିଛି । ସାମ୍ନାକୁ ରିପୋର୍ଟ ଆସିବା ପରେ ହିଁ ସେ ତାଙ୍କର ପ୍ରତିକ୍ରିୟା ରଖିବେ ବୋଲି ବିଶ୍ୱାସ କରାଯାଉଛି । ସୂଚନାନୁଯାୟୀ, ଏହି ମାମଲାରେ ଚମ୍ପତ ରାୟ ତାଙ୍କ ନିକଟତମ ସହଯୋଗୀଙ୍କୁ କହିଛନ୍ତି ଯେ, ''ମୁଁ କଳଙ୍କ ବହନ କରି ଅଯୋଧ୍ୟା ଛାଡିବି ନାହିଁ । ଅଯୋଧ୍ୟାରେ ମୋର ସେବା ସମ୍ପୂର୍ଣ୍ଣ ହୋଇଛି ଓ ମନ୍ଦିର ନିର୍ମାଣ ହୋଇଛି । କିନ୍ତୁ ମୁଁ ମୋ ଉପରେ କୌଣସି ଦାଗ ରଖି ଯାଇ ପାରିବି ନାହିଁ ।'' ତାଙ୍କର ଏହି ପ୍ରତିକ୍ରିୟା ବିବାଦ ଉପରେ ସବୁଠାରୁ ଭାବପ୍ରବଣତା ମନ୍ତବ୍ୟ ବୋଲି ବିବେଚନା କରାଯାଇଛି । ଏହି କଥାବାର୍ତ୍ତା ସମୟରେ ଚମ୍ପତ ରାୟ ମଧ୍ୟ ଏହି ମାମଲାରେ ସାମିଲ ଥିବା ଅଭିଯୁକ୍ତ ଟିନ୍ନୁ ଯାଦବଙ୍କ ସମ୍ପର୍କରେ କହିଛନ୍ତି ।



ସେ କହିଛନ୍ତି ଯେ, ''ମତେ ଟିନୁ ଯାଦବ ଧୋକା ଦେଇଛନ୍ତି । ତାଙ୍କ ଉପରେ ଆଦୌ ଭରସା ନାହିଁ । ''୮୦ ବର୍ଷୀୟ ଚମ୍ପତ ରାୟ ତୀର୍ଥ କ୍ଷେତ୍ର ପୁରମରେ ରୁହନ୍ତି ବୋଲି କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି । ତାଙ୍କ ରୁମର ଶେଯ ପାଖରେ ଭଗବାନ ରାମଙ୍କ ଏକ ଛୋଟ ପ୍ରତିମା ରଖାଯାଇଛି । ଅଭିଯୋଗ ପରେ ଯେତେବେଳେ କିଛି ନିକଟ ସମ୍ପର୍କୀୟ ତାଙ୍କ ସ୍ୱାସ୍ଥ୍ୟ ଏବଂ ମାନସିକ ଅବସ୍ଥା ବିଷୟରେ ଚିନ୍ତା ପ୍ରକାଶ କରି ଭେଟିବାକୁ ଆସିଥିଲେ, ସେତେବେଳେ ସେ ଭଗବାନ ରାମଙ୍କ ପ୍ରତିମା ଆଡ଼କୁ ଇଙ୍ଗିତ କରି କହିଥିଲେଯେ, "ମୁଁ କ'ଣ ଚିନ୍ତା କରିବା ଉଚିତ୍? ଯଦି ଏହି ଅଭିଯୋଗଗୁଡ଼ିକ କରାଯାଇଛି, ତେବେ ତାଙ୍କ କୃପା ଦ୍ୱାରା ହିଁ ସେଗୁଡ଼ିକୁ ହଟାଯିବ।" ବର୍ତ୍ତମାନ ଚମ୍ପତ ରାୟ ସାର୍ବଜନୀନ ଭାବେ କୌଣସି ମତାମତ ଦେବାରୁ ବିରତ ରହିଛନ୍ତି ଏବଂ ତାଙ୍କ ନଜର ଝଓଞ୍ଜର ଶେଷ ରିପୋର୍ଟ ଉପରେ ନଜର ରହିଛି । ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ, ସେ ସମଗ୍ର ମାମଲାର ନିଜର ପକ୍ଷ ବିସ୍ତୃତ ଭାବରେ ଉପସ୍ଥାପନ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଏଥିସହିତ ରାମ ମନ୍ଦିର ଦାନ ଚୋରି ମାମଲାର ତଦନ୍ତ ଏବେ ଟ୍ରଷ୍ଟର ଉଚ୍ଚ ଅଧିକାରୀଙ୍କ ପାଖରେ ପହଞ୍ଚିବା ପରି ଜଣାପଡୁଛି । ତଦନ୍ତ ଏଜେନ୍ସିଗୁଡ଼ିକ ଖୁବ୍ ଶୀଘ୍ର ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର କୋଷାଧ୍ୟକ୍ଷ ଗୋବିନ୍ଦ ଦେବଗିରିଙ୍କୁ ପଚରାଉଚରା କରିବେ। ତଦନ୍ତର କେନ୍ଦ୍ରବିନ୍ଦୁ ଦାନ ପରିଚାଳନା, ଆର୍ଥିକ ତଦାରଖ ଏବଂ ଟ୍ରଷ୍ଟର ଉତ୍ତରଦାୟିତ୍ୱ ଉପରେ ରହିବ ବୋଲି ସୂଚନା ମିଳୁଛି । ଏହାରି ମଧ୍ୟରେ ଦାନର ଗଣନା, ଜମା ଏବଂ ପରିଚାଳନା ସମ୍ପର୍କରେ ଟ୍ରଷ୍ଟ ଏବଂ ବ୍ୟାଙ୍କ ମଧ୍ୟରେ ହୋଇଥିବା ବୁଝାମଣାପତ୍ର (ଗକ୍ଟ)ର ମଧ୍ୟ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି । ଟ୍ରଷ୍ଟର କୋଷାଧ୍ୟକ୍ଷ ଗୋବିନ୍ଦ ଦେବଗିରି ମଧ୍ୟ ଏହି ବୁଝାମଣାପତ୍ରରେ ଦସ୍ତଖତ କରିଥିବା ଜଣାପଡ଼ିଛି । ଚୁକ୍ତିନାମାରେ ଉଲ୍ଲେଖ କରାଯାଇଥିବା ସମସ୍ତ ବ୍ୟବସ୍ଥା ଏବଂ ଦାୟିତ୍ୱ ପାଳନ କରାଯାଇଛି କି ନାହିଁ ଏବଂ ବାସ୍ତବରେ ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥା କେତେ ପ୍ରଭାବଶାଳୀ ପ୍ରମାଣିତ ହୋଇଛି ତାହା ମଧ୍ୟ ଦଳ ଯାଞ୍ଚ କରିବ। ଅନ୍ୟପଟେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ୧୧ ଜୁଲାଇ ପରିବର୍ତ୍ତେ ୬ ଜୁଲାଇକୁ ଘୁଞ୍ଚାଇ ଦିଆଯାଇଛି । ମଣି ରାମ ଦାସଙ୍କ ଶିବିରରେ ଟ୍ରଷ୍ଟର ସଭାପତି ମହନ୍ତ ନୃତ୍ୟ ଗୋପାଳ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ । ବୈଠକରେ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟ ସଦସ୍ୟ ଡକ୍ଟର ଅନିଲ ମିଶ୍ରଙ୍କ ଇସ୍ତଫା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ଦାନ ଚୋରି ଘଟଣା ପରେ, ମନ୍ଦିରର ସୁରକ୍ଷା ବ୍ୟବସ୍ଥା, ଆର୍ଥିକ ସଂସ୍କାର ଏବଂ ଭବିଷ୍ୟତ କାର୍ଯ୍ୟ ଯୋଜନା ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି ।

## କର୍ଣ୍ଣାଟକରେ ପ୍ରବଳ ବର୍ଷା ଯୋଗୁଁ ଭୁଶୁଡ଼ିଲା କାନ୍ଥ, ଦୁଇ ଶିଶୁ ସମେତ ତିନି ଜଣଙ୍କ ମୃତ୍ୟୁ

କର୍ଣ୍ଣାଟକ : କର୍ଣ୍ଣାଟକ ମାଙ୍ଗାଲୁରୁରେ ବଡ଼ ଦୁର୍ଘଟଣା । କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଇ ଶିଶୁ ସମେତ ତିନି ଜଣ ମୃତ୍ୟୁ । ଗାରୋଡି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଭଡ଼ା ଘର ଉପରେ ଏକ କମ୍ପାଉଣ୍ଡ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଇ ଶିଶୁଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ହୋଇଛି । ମାଙ୍ଗାଲୁରୁର କଙ୍କାନାଡି ପୋଲିସ ଷ୍ଟେସନ ସୀମା ଅନ୍ତର୍ଗତ ମାରିଏଲ୍ ଅଞ୍ଚଳ ରେ ଏହି ଘଟଣା ଘଟିଥିବା ସୂଚନା । ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ବର୍ଷା ଯୋଗୁଁ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଘରେ ରହୁଥିବା ୮ ଜଣ ଫସି ଯାଇଥିଲେ । ପରେ ସ୍ଥାନୀୟ ଦମକଳ ଓ ପୋଲିସ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସୂଚନା ଅନୁଯାୟୀ ସହାୟତାକାରୀମାନେ ଗୋଟିଏ ପରିବାର ଲାଲବାବୁ, ଇନ୍ଦୁ ଏବଂ ସେମାନଙ୍କର ଦୁଇ ଝିଅ, ଅଲକା ଏବଂ ଅନୁଶା ଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ । ସାନ ଝିଅ, ଅନାମିକା ଚୌରାସିଆ ଏବଂ ପରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ । ପରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା ବେଳେ ଅନ୍ୟ ଏକ ପରିବାରର ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ମହିଳା ମୃତ୍ୟୁ ବରଣ କରିଛନ୍ତି ।

## ରାଜନାଥଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଲା କଂଗ୍ରେସ



ନୂଆଦିଲ୍ଲୀ, ୦୧/୦୭ : ଲୋକସଭାକୁ ବିଭ୍ରାନ୍ତ କରିଛନ୍ତି ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବିରୋଧରେ ଆଜି କଂଗ୍ରେସ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଛି। ୨୦୨୫ରେ ଅପରେସନ୍ ସିନ୍ଦୂର ସମୟରେ କୌଣସି ବି ଜଣେ ଭାରତୀୟ ସୈନିକ ସହିଦ ହୋଇନାହାନ୍ତି କହି ରାଜନାଥ ଲୋକସଭାକୁ ବିଭ୍ରାନ୍ତ କରିଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଛି ଏବଂ ସାଂସଦ କେସି ବେଣୁଗୋପାଳ ରାଜନାଥଙ୍କ ବିରୋଧରେ ଏଥିପାଇଁ ସ୍ୱାଧୀକାର ଭଙ୍ଗ ନୋଟିସ୍ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ ଗତ ସପ୍ତାହରେ କେନ୍ଦ୍ର ସରକାର ଅପରେସନ୍ ସିନ୍ଦୂର ସମୟରେ ୬ ଭାରତୀୟ ଯବାନ ସହିଦ ହୋଇଥିବା ସ୍ପଷ୍ଟ କରିବାପରେ ଏହାକୁ ବିରୋଧୀମାନେ ପ୍ରସଙ୍ଗ କରିଛନ୍ତି। ଲୋକସଭାରେ ମନ୍ତ୍ରୀ ଭୁଲ୍ ସୂଚନା ଦେଇ ଗୃହକୁ ବିଭ୍ରାନ୍ତ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବେଣୁଗୋପାଳ ବାଚସ୍ପତିଙ୍କ ନିକଟରେ ଏନେଇ ଦାଖଲ କରିଥିବା ଏକ ଆବେଦନରେ ଲୋକସଭାରକାର୍ଯ୍ୟକ୍ରମକୁ ମଧ୍ୟ ଟ୍ୟାଗ୍ କରିଛନ୍ତି। ବେଣୁଗୋପାଳ କହିଛନ୍ତି, ମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନେଇ ବିଚାରଣ ଆରମ୍ଭ ହେବା ଉଚିତ। ବିର୍ଲାଙ୍କୁ ଏକ ଚିଠିରେ ବେଣୁଗୋପାଳ କହିଛନ୍ତି, ୨୦୨୫ ଜୁଲାଇ ୨୮ ତାରିଖରେ ସଂସଦରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ସଂକ୍ରାନ୍ତରେ ଆଲୋଚନା ସମୟରେ ରାଜନାଥ କହିଥିଲେ ଯେ କୌଣସି ଜଣେ ହେଲେ ଭାରତୀୟ ସୈନିକଙ୍କର କିଛି କ୍ଷତି ହୋଇନାହିଁ। କିନ୍ତୁ ସରକାର ଏବେ ଏହାର ଠିକ୍ ବିପରୀତ କଥା ହୋଇଛନ୍ତି। ଅପରେସନ୍ ସିନ୍ଦୂର ସମୟରେ ୬ ଭାରତୀୟ ସୈନିକ ସହିଦ ହୋଇଯାଇଛନ୍ତି ବୋଲି ସରକାର ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଏବେ ଏହାକୁ ଏକ ନୂଆ ପ୍ରସଙ୍ଗ କରିଥିବାବେଳେ ଆସନ୍ତା ମୌସୁମୀ ଅଧିବେଶନରେ ବି ବିରୋଧୀ ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ହୋହଲ୍ଲା କରିପାରନ୍ତି ବୋଲି ଜୋର୍ ଚର୍ଚ୍ଚା ହେଉଛି।

## ଜୁଲାଇ ୨୦ରୁ ଆରମ୍ଭ ହୋଇପାରେ ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ, ୦୧/୦୭ : ସଂସଦରେ ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇପାରେ। ଅଧିବେଶନ ଆରମ୍ଭ ହେଲେ ୩ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ତେବେ ସଂସଦୀୟ ବ୍ୟାପାର କ୍ୟାବିନେଟ କମିଟି ଏଯାବତ ଏନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ସାଧାରଣତଃ ମୌସୁମୀ ଏବଂ ଶୀତ ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିଥାଏ ଏବଂ ଏହା ୪ ସପ୍ତାହ ପର୍ଯ୍ୟନ୍ତ ଚାଲେ। କିନ୍ତୁ କିଛି କ୍ଷେତ୍ରରେ କମ୍ ସମୟର ଅଧିବେଶନ ମଧ୍ୟ ହୋଇଛି। ପଶ୍ଚିମବଙ୍ଗ,ଆସାମ ଏବଂ ପୁଡୁଚେରୀରେ ବିଜେପିର ବିଜୟ ପରେ ମୌସୁମୀ ଅଧିବେଶନ ଆରମ୍ଭ ହେଉଛି। ଆଗାମୀ ଅଧିବେଶନରେ ଟିଏମ୍‌ସି ଏବଂ ଶିବସେନା (ୟୁବିଟି)ରେ ବିବାଦ ମଧ୍ୟ ସ୍ପଷ୍ଟ ଦେଖିବାକୁ ମିଳିବ। ତେବେ ୨୦ ଟିଏମ୍‌ସି ସାଂସଦ ଏବଂ ୬ ଶିବସେନା (ୟୁବିଟି) ସାଂସଦଙ୍କୁ ପୃଥକ୍ ଗୋଷ୍ଠୀର ମାନ୍ୟତା ଦେବା ସଂକ୍ରାନ୍ତ ଦାବି ଉପରେ ଏଯାବତ ଲୋକସଭା ବାଚସ୍ପତି ଓମ୍ ବିର୍ଲା କିଛି ନିଷ୍ପତ୍ତି ନେଇନାହାନ୍ତି। ଅନ୍ୟପକ୍ଷେ ରାଜ୍ୟସଭାରେ ନବ ନିର୍ବାଚିତ ଏବଂ ପୁନଃ ନିର୍ବାଚିତ ସାଂସଦମାନେ ଶପଥ ନେବାପରେ ଶାସକ ଏନ୍‌ଡିଏ ସମର୍ଥନରେ ପୁଣି ରାଜନୈତିକ ସଂଖ୍ୟା ବଢ଼ିବ।

## କେତନ ଅଗ୍ରୱାଲ ହତ୍ୟା ମାମଲାରେ ବଡ଼ ଅପଡେଟ୍, ରହସ୍ୟ ଖୋଲିବ ଏଆଇ ଟେକ୍ନୋଲୋଜି !

ପୁଣେ, ୦୧/୦୭ : ବହୁ ଚର୍ଚ୍ଚିତ ପୁନେ କେତନ ଅଗ୍ରୱାଲ ଘଟଣା। ଲୋହାଗଡ଼ରେ ଅଭିଯୁକ୍ତ ଚେତନ ଚୌଧୁରୀ । କ୍ରାଇମ ସିନ ରିକ୍ରିଏସନ କରିବାକୁ ଚେତନକୁ ଲୋହରଗଡ଼କୁ ଆଣିଛି ପୁଣେ ପୋଲିସ । ଅଭିଯୁକ୍ତ ଚେତନ ଚୌଧୁରୀର ଚାଲିବା ଶୈଳୀ ଏବଂ ଅପରାଧ ସ୍ଥଳର କ୍ରାଇମ୍ ସିନ୍ ରିକନ୍ସଟ୍ରକସନ୍ ପାଇଁ ତାକୁ ଲୋହଗଡ଼ ଦୁର୍ଗକୁ ଆଣିଛି। ଅନ୍ୟତମ ଅଭିଯୁକ୍ତ ସିୟା ଗୋୟଲର କ୍ରାଇମ୍ ସିନ୍ ରିକନ୍ସଟ୍ରକସନ୍ ପୂର୍ବରୁ ଶେଷ ହୋଇସାରିଛି। ବର୍ତ୍ତମାନ ପୋଲିସ ଏହି ମାମଲାରେ ସଠିକ ପ୍ରମାଣ ଏକାଠି କରିବା ପାଇଁ ଅତ୍ୟାଧୁନିକ ଫୋରେନ୍ସିକ୍ ଏଆଇ ପ୍ରଯୁକ୍ତିବିଦ୍ୟାର ସହାୟତା ନେଉଛି । ଏଆଇ ଗେଟ୍ ଆନାଲିସିସ୍ ମାଧ୍ୟମରେ ଅଭିଯୁକ୍ତ ଚେତନର ଶରୀରର ଗଠନ, ଚାଲିବା ଶୈଳୀ ଏବଂ ପାଦର ପରିମାପକୁ ଅନୁଧ୍ୟାନ କରାଯାଉଛି। ଏହାକୁ ଘଟଣା ଦିନ ଦୁର୍ଗ ଗେଟ୍ ନିକଟରେ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ସହ ମିଳାଯିବ। ହତ୍ୟାକାଣ୍ଡ ଦିନ ନିଜ ପରିଚୟ ଲୁଚାଇବା ପାଇଁ ଚେତନ ପ୍ରବଳ ଗରମ ସତ୍ତ୍ୱେ ଏକ ମୋଟା ହୁଡି ପିନ୍ଧିଥିଲା। ପୁନର୍ନିର୍ମାଣ ସମୟରେ ତାକୁ ସମାନ ପୋଷାକ ପିନ୍ଧାଇ ସେହି ରାସ୍ତାରେ ଚଲାଯାଇ ଭିଡିଓ ରେକର୍ଡିଂ କରାଯାଉଛି । ଯାହା ଦ୍ୱାରା ଘଟଣାସ୍ଥଳରେ ତାର ଉପସ୍ଥିତି ଗାଣିତିକ ଭାବେ ପ୍ରମାଣିତ ହୋଇପାରିବ। ଅନ୍ୟତମ ଅଭିଯୁକ୍ତ ସିୟା ଗୋୟଲକୁ ନେଇ କରାଯାଇଥିବା କ୍ରାଇମ ସିନ ରିକ୍ରିଏସନ କରି ୪୦୦ ଫୁଟ୍ ଗଭୀର ଖାଇକୁ ଏକ ମାନବ ଆକୃତିର ପୁତଳା ଫିଙ୍ଗାଯାଇଥିଲା । ଚେତନର ବୟାନ ମଧ୍ୟରେ ଥିବା ସତ୍ୟତାକୁ ଏହି ପ୍ରକ୍ରିୟା ଦ୍ୱାରା ପରଖାଯାଉଛି। ୨୫ ବର୍ଷୀୟ ପୁନେର ଜଣେ ବ୍ୟବସାୟୀ କେତନ ଅଗ୍ରୱାଲଙ୍କର ଜୁନ୍ ୧୮ ତାରିଖରେ ଲୋହଗଡ଼ ଦୁର୍ଗର ବିଞ୍ଛୁ କାଟା ପାହାଡ଼ରୁ ଖସି ମୃତ୍ୟୁ ହୋଇଥିଲା। କେତନ ଜଣେ ଅଭିଜ୍ଞ ଟ୍ରେକର ହୋଇଥିବାରୁ ଏହା ଦୁର୍ଘଟଣା ନୁହେଁ ବରଂ ହତ୍ୟା ବୋଲି ତାଙ୍କ ପରିବାର ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି, କେତନଙ୍କ ଫିଆନ୍ସି ସିୟା ଗୋୟଲ ଏବଂ ତାର ପ୍ରେମିକ ଚେତନ ଚୌଧୁରୀ ଏକ ସ୍ଥାନୀୟ କାଫେରେ ହତ୍ୟାର ଯୋଜନା କରିଥିଲେ। ଦୁର୍ଗ ଉପରକୁ ଚଢ଼ିବା ସମୟରେ ସିୟା ନିଜ ଜୋତା ଫିତା ବାନ୍ଧିବା ବାହାନାରେ ବସିପଡ଼ିଥିଲା, ଯାହା ଚେତନ ପାଇଁ ଏକ ସଙ୍କେତ ଥିଲା। କେତନ ପଛକୁ ବୁଲିବା ମାତ୍ରେ ଚେତନ ତାଙ୍କୁ ଖାଇ ଭିତରକୁ ଠେଲି ଦେଇଥିଲା। ଲୋକେସନ ଟ୍ରାକିଂରୁ ବଞ୍ଚିବା ପାଇଁ ଚେତନ ନିଜ ମୋବାଇଲ୍ ଫୋନ୍ ଛାଡ଼ି ଆସିଥିଲା, ପ୍ରାୟ ୬୪୦ ମିନିଟ୍ ପର୍ଯ୍ୟନ୍ତ ଅଫଲାଇନ୍ ରହିଥିଲା । ଟୋଲ୍ ପ୍ଲାଜା କ୍ୟାମେରାରୁ ବର୍ତ୍ତିବା ପାଇଁ ସ୍କୁଟରରେ ୯୦ କିଲୋମିଟର ଯାତ୍ରା କରିଥିଲା।

## ତାମିଲନାଡୁରେ ବିଜୟ ସରକାର ଭାଙ୍ଗିବାକୁ ବଡ଼ ଷଡ଼ଯନ୍ତ୍ର



ତାମିଲନାଡୁ : ତାମିଲନାଡୁରେ ବିଜୟ ଥାଲାପତିଙ୍କ ସରକାର ଭାଙ୍ଗିବା ପାଇଁ ହେଉଛି ବଡ଼ ଷଡ଼ଯନ୍ତ୍ର । ୧୫ ଜଣ ଟିଭିକେ ବିଧାୟକଙ୍କ ଇସ୍ତଫା ମଞ୍ଜୁର କରାଇ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର ହୋଇଥିବା ରାଜ୍ୟ ଗୁଇନ୍ଦା ବିଭାଗ ଜାଣିବାକୁ ପାଇଛି । ମାମଲାରେ ତନାଘନା ଆରମ୍ଭ ହୋଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି । ତନାଘନା ପରେ ସ୍ପଷ୍ଟ ହୋଇଛି ଯେ ଏହି ଷଡ଼ଯନ୍ତ୍ର ପଛରେ ଡିଏମକେର ହାତ ଅଛି । କିଛି ବିଧାୟକଙ୍କୁ ଅନାସ୍ଥା ପ୍ରସ୍ତାବରେ ଭୋଟ ଦେବା ପାଇଁ ୩୫ କୋଟି ଟଙ୍କା ଲେଖାଏଁ ଯଚାଯାଇଥିବା ଅଭିଯୋଗ ହୋଇଛି।


## ମେକ୍ସିକୋ ସିଟି ବିଜୟ ଉତ୍ସବ ବେଳେ ୨ ମୃତ

ମେକ୍ସିକୋ ସିଟି, ୦୧/୦୭ : ଇକ୍ୱେଡରକୁ ହରାଇ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍ ରାଉଣ୍ଡ ୧୬ରେ ସ୍ଥାନ ପକ୍କା କରିଥିଲା। ଏହି ବିଜୟ ପରେ ମେକ୍ସିକୋ ସିଟିରେ ବିଜୟ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ ହୋଇଥିଲା। ହେଲେ ଏହି ବିଜୟ ଉତ୍ସବ ପାଳନରେ ୨ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ସବ ପାଳନ ଲାଗି ମେକ୍ସିକୋ ସିଟିରେ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଜଣେ ୧୯ ବର୍ଷୀୟା ମହିଳା ଓ ୪୪ ବର୍ଷୀୟ ପୁରୁଷ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ। ଆମେ ବହୁ ଚେଷ୍ଟା କରିବା ସତ୍ତ୍ୱେ ଉଭୟଙ୍କୁ ବଞ୍ଚାଇପାରି ନଥିଲୁ ବୋଲି ମେକ୍ସିକୋ ସିଟିର ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଏହି ଦୁଇ ଜଣଙ୍କ ବାଦ୍ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ଦାବି କରିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନି। ଏହାର ତଦନ୍ତ ଚାଲିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ରାମ ମନ୍ଦିର ଦାନ ଟଙ୍କା ହେରଫେର ମାମଲା: ଶୌଚାଳୟରେ ଲୁଚାଉଥିଲେ ଟଙ୍କା, ପୋଲିସ ସମ୍ମୁଖରେ ଅଭିଯୁକ୍ତଙ୍କ ବଡ଼ ଖୁଲାସା

ନୂଆଦିଲ୍ଲୀ, ୦୧/୦୭ : ରାମ ମନ୍ଦିରର ଦାନ ଟଙ୍କା ହେରଫେର ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଅବିନାଶ ଶୁକ୍ଳା ପୋଲିସ ପଚରାଉଚରା ବେଳେ ଅନେକ ତଥ୍ୟ ସାମ୍ନାକୁ ଆଣିଛନ୍ତି । ପ୍ରାୟ ଦୁଇ ଘଣ୍ଟା ଧରି ହୋଇଥିବା ପଚରାଉଚରାରେ ସେ କୋଟି କୋଟି ଟଙ୍କା ଚୋରି କରିଥିବା କଥା ସ୍ୱୀକାର କରିଥିବା ସହ ଟଙ୍କା କିପରି ଚୋରି ହୋଇଥିଲା ତାହା ମଧ୍ୟ କହିଛନ୍ତି । ପୁଲିସ ସୂତ୍ର ଅନୁସାରେ, ଚୋରି ହୋଇଥିବା ଟଙ୍କାକୁ ପ୍ରଥମେ ମନ୍ଦିର ପରିସରର ଶୌଚାଳୟରେ ଲୁଚାଇ ରଖାଯାଉଥିଲା। ପରେ ସୁଯୋଗ ମିଳିଲେ ସେହି ଟଙ୍କାକୁ ବାହାରକୁ ନେଇଯାଉଥିଲେ। ଅଭିଯୁକ୍ତମାନେ ସିସିଟିଭି କ୍ୟାମେରା କେଉଁଠି ଲାଗିଛି ସେ ବିଷୟରେ ଭଲ ଭାବରେ ଜାଣିଥିବାରୁ କ୍ୟାମେରାର



ନଜରରୁ ବଞ୍ଚି ଚୋରି କରୁଥିଲେ। ଅବିନାଶ ଶୁକ୍ଳା କହିଛନ୍ତି ଯେ ଦାନ ଗଣନା କକ୍ଷର ଗୋଟିଏ ଚାବି ରାମାଶଙ୍କର ଓରଫ ଟିନ୍ନୁ ଯାଦବଙ୍କ ପାଖରେ ଥିଲା, ଯେତେବେଳେ ଅନ୍ୟ ଚାବି ବ୍ୟାଙ୍କ କର୍ମଚାରୀଙ୍କ ପାଖରେ ରହୁଥିଲା । ଅନେକ ଲୋକ ମିଶି ଯୋଜନାବଦ୍ଧ ଭାବେ ଏହି ଚୋରି କରୁଥିଲେ। ଜଣେ ଟଙ୍କା ନେଉଥିବା ବେଳେ ଅନ୍ୟମାନେ ତାଙ୍କୁ ଆଡ଼ ଦେଉଥିଲେ। ପଚରାଉଚରା ବେଳେ ଅବିନାଶ ମନ୍ଦିର ଟ୍ରଷ୍ଟି ଅନିଲ ମିଶ୍ରଙ୍କ ନାମ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ଦାନ ଗଣନା ପ୍ରକ୍ରିୟାରେ ତାଙ୍କର ଭୂମିକା ଥିଲା। ଅଭିଯୁକ୍ତଙ୍କ କହିବା ଅନୁସାରେ, ମନ୍ଦିରର ସିସିଟିଭି କ୍ୟାମେରା କଣ୍ଟ୍ରୋଲ ରୁମରୁ ନଜର ରଖାଯାଉଥିଲେ ମଧ୍ୟ କର୍ମଚାରୀମାନେ ସବୁବେଳେ ସେମାନଙ୍କ ଗତିବିଧି ଉପରେ ନଜର ରଖୁନଥିଲେ। ଚୋରି ହୋଇଥିବା ଟଙ୍କାରେ ଜମି ଓ ଘର କିଣାଯାଇଥିବା ମଧ୍ୟ ସେ ଦାବି କରିଛନ୍ତି । ଏହି ମାମଲାର ତଦନ୍ତ ପାଇଁ ଉତ୍ତର ପ୍ରଦେଶ ସରକାର ଜୁନ୍ ୧୩ରେ ଏକ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ଗଠନ କରିଥିଲେ। ତଦନ୍ତ ବେଳେ ଅବିନାଶ ଶୁକ୍ଳାଙ୍କ ଘରୁ ୫୮ ଲକ୍ଷ ଟଙ୍କା ଜବତ ହୋଇଥିବା ସହ ବାକି ଟଙ୍କା ଜୁନ୍ ୫ରୁ ୮ ମଧ୍ୟରେ ବ୍ୟାଙ୍କ ମାଧ୍ୟମରେ ଫେରସ୍ତ କରାଯାଇଥିବା ଜଣାପଡ଼ିଛି । ବର୍ତ୍ତମାନ ପୋଲିସ ଅଭିଯୁକ୍ତମାନଙ୍କ ସମ୍ପତ୍ତି, ବ୍ୟାଙ୍କ କାରବାର ଯାଞ୍ଚ କରୁଛି। ଏହାସହ ଏତେ ଦିନ ଧରି ଚୋରି କିପରି ଧରାପଡ଼ିଲା ନାହିଁ ଏବଂ ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଥିଲେ, ସେନେଇ ମଧ୍ୟ ତଦନ୍ତ ଚାଲିଛି ।



ଇଂଲଣ୍ଡ ବିପକ୍ଷ ପ୍ରଥମ ଟି୨୦ରେ ରନ୍ ଆଉଟ୍ ହେବା ପରେ ଦୁଃଖରେ ବସିଛନ୍ତି ଇଶାନ କିଷନ।

# ଶ୍ରୀଶାନ୍ତଙ୍କ ଉପରୁ ବାସନ୍ଦାଦେଶ ଉଠାଇଲା କେସିଏ

କୋଚ.୧୭: ପୂର୍ବତନ ଭାରତୀୟ ଦ୍ରୁତ ବୋଲରଏସ୍. ଶ୍ରୀଶାନ୍ତଙ୍କ ଉପରେ ଲାଗିଥିବା ୩ ବର୍ଷର ବାସନ୍ଦାଦେଶକୁ ତାଙ୍କ ରାଜ୍ୟ କ୍ରିକେଟ୍ ସଂଘ କେସିଏ ( କେରଳ କ୍ରିକେଟ୍ ସଂଘ) ବୁଧବାର ଉଠାଇ ଦେଇଛି। ସଂଘ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ଶ୍ରୀଶାନ୍ତ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପରେ କେସିଏ ଏଭଳି ନିଷ୍ପତ୍ତି ନେଇଛି। ବୁଧବାର ସଂଘର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା।



ସଂଘ ପକ୍ଷରୁ ପ୍ରକାଶିତ ବିବୃତ୍ତିରେ କୁହାଯାଇଛି ଯେ, ଶ୍ରୀଶାନ୍ତ ତାଙ୍କ ପୂର୍ବ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏହାକୁ ବିଚାରକୁ ନେଇ ତାଙ୍କ ଉପରୁ ବାସନ୍ଦାଦେଶହଟାଇବାକୁ ସଂଘ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ ଯେ ଗତବର୍ଷ କେରଳ କ୍ରିକେଟ୍ ଲିଗ୍ (କେସିଏଲ୍) ମ୍ୟାଚ୍ ପୂର୍ବରୁ ଶ୍ରୀଶାନ୍ତ କେରଳ କ୍ରିକେଟ୍ ସଂଘ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା।

# ଇଶାନ କିଶନ ବିଶ୍ୱର ୧ ନମ୍ବର ଟି-୨୦ ବ୍ୟାଟର

ଦୁବାଇ,୧୭: ନୂଆ ସଫଳତା ପାଇଛନ୍ତି ଭାରତୀୟ ବ୍ୟାଟର ଇଶାନ କିଶନ। ଅପ୍ରତ୍ୟାଶିତ କମବ୍ୟାକ ପରେ ଭାରତୀୟ କ୍ରିକେଟରେ ନିଜର ସ୍ୱତନ୍ତ୍ର ଛାପ ଛାଡିଥିବା କିଶନ ଏବେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ଇଶାନ କିଶନ ବନି ଯାଇଛନ୍ତି ଟି-୨୦ କ୍ରିକେଟରେ ବିଶ୍ୱର ୧ନମ୍ବର ବ୍ୟାଟର୍।

ଭାରତର ଅନ୍ୟତମ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କୁ ପଛରେ ପକାଇ ଆଇସିସି ଟି-୨୦ ବ୍ୟାଟିଂର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି ଇଶାନ। ପ୍ରାୟ ଗୋଟିଏ ବର୍ଷ ଧରି ଅଭିଷେକ ଶର୍ମା ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଙ୍ଗର ଶୀର୍ଷ ସ୍ଥାନରେ ରହିଥିଲେ। ହେଲେ ଏବେ ଇଶାନ କିଶନ ତାଙ୍କୁ ପଛରେ ପକାଇ ଦେଇଛନ୍ତି। କ୍ରିକେଟ ଇତିହାସରେ ୪ର୍ଥ ଥର ପାଇଁ କୌଣସି ଭାରତୀୟ ବ୍ୟାଟର ଆଇସିସି ଟି-୨୦ ପୁରୁଷ ବ୍ୟାଟିଂର ଶୀର୍ଷରେ ମଧ୍ୟ ପହଞ୍ଚିଛନ୍ତି।



କୌତୁହଳର ବିଷୟ ହେଉଛି ଯେ ଅଭିଷେକ ବର୍ଷକ ତଳେ ତାଙ୍କ ଆଇପିଏଲ ଟିମ ସନ ରାଇଜର୍ସ ହାଇଦ୍ରାବାଦର ସାଥୀ ଖେଳାଳି ଟ୍ରାଭିସ ହେଡଙ୍କୁ ହଟାଇ ଟି-୨୦ର ୧ ନମ୍ବର ବ୍ୟାଟର ବନିଥିଲେ। ଏବେ ଇଶାନ ମଧ୍ୟ ନିଜ ଆଇପିଏଲ ଟିମ ହାଇଦ୍ରାବାଦର ସାଥୀ ଖେଳାଳି ଅଭିଷେକଙ୍କୁ ତଳକୁ ଠେଲି ଶୀର୍ଷ ସ୍ଥାନ ଦଖଲ କରିଛନ୍ତି।

ନିକଟରେ ଆୟର୍ଲ୍ୟାଣ୍ଡ ବିପକ୍ଷରେ ଇଶାନ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଦୁଇଟି ମ୍ୟାଚ୍‌ରେ ସେ ୧୩ ରନ କରିଥିଲେ। ହେଲେ ଅଭିଷେକ ଶର୍ମା ୪୯ ଓ ଶୂନ କରିଥିଲେ ହେଁ ତାଙ୍କୁ ଇଶାନ ରାଙ୍କିଙ୍ଗ ଲଢେଇରେ ପଛକୁ ଠେଲି ଦେଇଛନ୍ତି।

୨୭ ବର୍ଷୀୟ ଇଶାନ କିଶନ ୨୦୨୫ ଟି-୨୦ ବିଶ୍ୱକପର ଠିକ ପୂର୍ବରୁ ଭାରତୀୟ ଟିମକୁ ଫେରିଥିଲେ। ସେ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିଲେ। ଏବେ ସେ ୮୭୬ ପଏଣ୍ଟ ସହ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଛନ୍ତି। ୮୬୯ ପଏଣ୍ଟ ସହ ଅଭିଷେକ ଦ୍ୱିତୀୟରେ ରହିଥିବା ବେଳେ ପାକିସ୍ତାନର ଶାହିବଜାଦା ଫରହାନ ପୂର୍ବଭଳି ତୃତୀୟ, ଇଂଲଣ୍ଡର ଫିଲ ସଲ୍ଟ ୪ର୍ଥ ଓ ୫ମ ସ୍ଥାନରେ ଶ୍ରୀଲଙ୍କାର ପଥୁମ ନିଶାଙ୍କା ରହିଛନ୍ତି। ତିଳକ ବର୍ମା ୬ଷ୍ଠ ସ୍ଥାନରେ ପୂର୍ବଭଳି ରହିଥିବା ବେଳେ ସୂର୍ଯ୍ୟ କୁମାର ଯାଦବଙ୍କୁ ହଟାଇ ଜୋଶ ବଟଲର ୭ମ ସ୍ଥାନକୁ ଉଠିଛନ୍ତି। ସୂର୍ଯ୍ୟ କୁମାର ୮ମକୁ ଖସି ଯାଇଛନ୍ତି। ୯ମରେ ମିଚେଲ ମାର୍ଶ ଓ ୧୦ମରେ ଡେୱାଲ୍ଡ ବ୍ରେଭିସ ଅଛନ୍ତି।

ବିରାଟ କୋହଲି, ସୂର୍ଯ୍ୟ କୁମାର ଯାଦବ ଓ ଅଭିଷେକ ଶର୍ମାଙ୍କ ପରେ ଇଶାନ ୪ର୍ଥ ଭାରତୀୟ ଭାବେ ଆଇସିସି ବ୍ୟାଟିଂ ରାଙ୍କିଙ୍ଗର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି।

## ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବରକୁ ଫେରିଲେ ବୁମ୍ରା

ଭାରତର ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ପୁଣି ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନକୁ ଫେରିଛନ୍ତି। ପୂର୍ବ ସପ୍ତାହରେ ନ୍ୟୁଜିଲ୍ୟାଣ୍ଡର ଦ୍ରୁତ ବୋଲୀ ମ୍ୟାଟ ହେନରୀଙ୍କୁ ଆଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ବଡ ସଫଳତା ମିଳିଥିଲା। ସେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୧ଟି ୱିକେଟ ନେଇଥିଲେ। ଏହି ସଫଳତା ପରେ ସେ ବୁମ୍ରାଙ୍କ ସମକକ୍ଷ ହୋଇଥିଲେ।

ବୁମ୍ରାଙ୍କ ପଏଣ୍ଟ ୮୭୦ ଥିବା ବେଳେ ହେନରୀ ମଧ୍ୟ ସମାନ ୮୭୦ ପଏଣ୍ଟ ପାଇଛନ୍ତି। କିନ୍ତୁ ସେ ୬ଟି ସ୍ଥାନ ଉପରକୁ ଉଠି ୧ ନମ୍ବରରେ ରହିଥିଲେ। କିନ୍ତୁ ତୃତୀୟ ଟେଷ୍ଟରେ ହେନରୀଙ୍କୁ ସୁଯୋଗ ମିଳି ନଥିଲା। ଏଥିପାଇଁ ତାଙ୍କ ରେଟିଂ ପଏଣ୍ଟରେ ୧% ହ୍ରାସ ହୋଇଛି। ଏବେ ସେ ୮୬୧ ପଏଣ୍ଟ ସହ ଦ୍ୱିତୀୟକୁ ଖସି ଥିବା ବେଳେ ବୁମ୍ରା ପୁଣି ୧ ନମ୍ବରରେ ପହଞ୍ଚି ଯାଇଛନ୍ତି।

ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ଟ୍ରାଭିସ ହେଡ ପହଞ୍ଚି ଯାଇଛନ୍ତି। ସେ ଜୋ ରୁଟଙ୍କୁ ଦୁଇଟି ସ୍ଥାନ ତଳକୁ ଠେଲି ଦେଇଛନ୍ତି। ରୁଟ ତୃତୀୟରେ ଥିବା ବେଳେ ହ୍ୟାରୀ ବ୍ରୁକ ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ଅନମୋଲ୍ ଭାରତୀୟ କନିଷ୍ଠ ହକି ଦଳର ଅଧିନାୟକ : ବେଲ୍‌ଜିୟମ୍ ଗସ୍ତ ଦଳରେ ଓଡିଶାରୁ ୯

ଭୁବନେଶ୍ୱର୧୭: ହକି ଇଣ୍ଡିଆ ମଙ୍ଗଳବାର ବେଲ୍‌ଜିୟମ୍ ଗସ୍ତ ଲାଗି ୨୨ ଜଣିଆ କନିଷ୍ଠ (୨୧ ବର୍ଷରୁ କମ୍) ପୁରୁଷ ଦଳ ଘୋଷଣା କରିଛି। ଏହି ଦଳର ଅଧିନାୟକ ଓଡିଆ ପୁଅ ଅନମୋଲ ଏକ୍କା ରହିଛନ୍ତି। ତାଙ୍କ ସହ ଏହି ୨୨ ଜଣିଆ ଦଳରେ ଓଡିଶାରୁ ୯ ଜଣ ବିବେକ ଲାକ୍ରା, ରୋହିତ କୁଲୁ, ପ୍ରଶାନ୍ତ ବାର୍ଲା, ସଞ୍ଜିତ ତିର୍କି, ଆଦ୍‌ରୋହିତ ଏକ୍କା, ମୁକେଶ ଟପ୍ପା, ରିତିକ ଲାକ୍ରା ଓ ଅର୍ଯ୍ୟନ ଖେସ୍ ଅଛନ୍ତି। ଅନମୋଲଙ୍କ ସହ ଆଦ୍‌ରୋହିତ ଓ ରୋହିତ ଚେନ୍ନାଇରେ ଆୟୋଜିତ କାଂସ୍ୟ ବିଜେତା କନିଷ୍ଠ ଭାରତୀୟ ଦଳରେ ସଦସ୍ୟ ଥିଲେ। କାଂସ୍ୟ ମୁକାବିଲାରେ ଅନମୋଲଙ୍କ ଶେଷ ସମୟ ଗୋଲ୍ ବଳରେ ଭାରତ ୪-୨ରେ ଆର୍ଜେଣ୍ଟିନାକୁ ହରାଇଥିଲା। ସେ ମଧ୍ୟ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କର ଏହି ପ୍ରଦର୍ଶନ ଲାଗି ଜାତୀୟ ଦଳର ଭାର ମିଳିଛି। ଅଧିନାୟକ ପଦ ସହ ଓଡିଶାରୁ ଜାତୀୟ ଦଳରେ ୯ ଜଣ ସ୍ଥାନ ପାଇବା ରାଜ୍ୟର ଗର୍ବ ଓ ଗୌରବ ବାଇଛି। ଏତେ ମାତ୍ରାରେ ଜାତୀୟ ଦଳରେ ଓଡିଶା ଖେଳାଳି ସ୍ଥାନ ପାଇବା ରାଜ୍ୟ ହକିର ଅଭିବୃଦ୍ଧିର ସଙ୍କେତ।




ଏଫ୍‌ଆଇଏଚ୍ ହକି ପୁରୁଷ କନିଷ୍ଠ ଏସିଆ କପ୍ ପ୍ରସ୍ତୁତି ଲାଗି ନୂଆ ପ୍ରଶିକ୍ଷକ ଫ୍ରେଡରିକ ସୋୟେଜଙ୍କ ତତ୍ତ୍ୱାବଧାନରେ ଜୁଲାଇ ୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଭାରତ ଏହି ଗସ୍ତ କରିବ। ଏହା ଭିତରେ ୟୁରୋପର ଶ୍ରେଷ୍ଠ ଦଳ ଅଷ୍ଟ୍ରିଆ (ଜୁଲାଇ ୭, ୮) ଓ ବେଲ୍‌ଜିୟମ (ଜୁଲାଇ ୧୦, ୧୪) ବିପକ୍ଷରେ ଦୁଇଟି ଲେଖାଏଁ ଏବଂ ଜର୍ମାନୀ (ଜୁଲାଇ ୧୩) ଓ ନେଦରଲାଣ୍ଡସ (ଜୁଲାଇ ୧୭) ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳି ଗସ୍ତ ଶେଷ କରିବ।

ଭାରତୀୟ କନିଷ୍ଠ ପୁରୁଷ ଦଳ: ଗୋଲି-ବିବେକ ଲାକ୍ରା, କୁନାଲ ତିୱାତିଆ, ଡିଫେଣ୍ଡର- ଅନମୋଲ ଏକ୍କା (ଅଧିନାୟକ), ରୋହିତ କୁଲୁ, ଚିରାଗ, ରବିନ୍ଦର, ପ୍ରଶାନ୍ତ ବାର୍ଲା, ସଞ୍ଜିତ ତିର୍କି, ଭି ମଣିମାରନ, ମିଡ୍‌ଫିଲ୍ଡର- ଆଦ୍‌ରୋହିତ ଏକ୍କା, ହର୍‌ପାଲ, ଜିତ୍‌ପାଲ, ମୁକେଶ ଟୋପ୍ପା, ମନୁ ମଲ୍ଲିକ, ରିତିକ ଲାକ୍ରା, ଫରୱାର୍ଡ- ଅଜିତ ଯାଦବ, ପ୍ରଭଦୀପ ସିଂହ, ଅର୍ଜୁନ ହର୍ଗୁଡେ, ଆର୍ଯ୍ୟନ ଖେସ୍, ଲୋଭେନ୍ଦ୍ରର ସିଂହ, ମହମ୍ମଦ କୋନାଏନ ଦାଦ୍, ଗୁରୁସେବକ ସିଂହ।



# ହାଲାଣ୍ଡଙ୍କ କାଓବୟ ଓ ଭାଇକିଂ ଅବତାର

ଡାଲାସ୧୭: ନରୱେର ତାରକା ଷ୍ଟ୍ରାଇକର୍ ଏର୍ଲିଂ ହାଲାଣ୍ଡଙ୍କ କାଓବୟ ଓ ଭାଇକିଂ ଅବତାର ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାକୁ ଲାଗିଛି। ମଙ୍ଗଳବାର ହାଲାଣ୍ଡଙ୍କ ଗୋଲ୍ ବଳରେ ନରୱେ ୨-୧ରେ ଆଇଭରି କୋଷ୍ଟକୁ ହରାଇ ପ୍ରିକ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥଇଲା। ଏହି ବିଜୟ ପରେ ହାଲାଣ୍ଡ ସାମାଜିକ ଗଣମାଧ 'ଏକ୍ସ'ରେ ଏକ ହୃଦୟସ୍ପର୍ଶୀ ପୋଷ୍ଟ କରିଛନ୍ତି। ଏଥିରେ ସେ ଦୁଇଟି ଫଟୋ ପୋଷ୍ଟ କରିଥିଲେ। ଯେଉଁଥିରେ ସେ କାଓବୟ ବୁଟ୍ ଓ କାଓବୟ ଟୋପି ପିନ୍ଧି ଗୋଟିଏ ଫଟୋରେ ବସିଥିଲା ବେଳେ ଅନ୍ୟଟିରେ ଠିଆ ହୋଇଛନ୍ତି। ଏହାର ଶିରୋନାମରେ ସେ ଲେଖିଛନ୍ତି "ହାଓଡି!"। ଅଉ ଏକ ଏକ୍ସ ପୋଷ୍ଟରେ ତାଙ୍କ ଦଳ ରାଉଣ୍ଡ ୧୬ରେ ପହଞ୍ଚିବା ପରେ ହାଲାଣ୍ଡ ଭାଇକିଂ ଥିମ୍ ଫଟୋ ସେୟାର କରିଛନ୍ତି। ଏଥିରେ ହଲାଣ୍ଡ ନିଜେ ନରୱେ ଜାତୀୟ ଦଳର ଡ୍ରେସ୍ ସହ ଭାଇକିଂ ହର୍ଣ୍ଡେଡ ହେଲ୍‌ମେଟ୍ ପିନ୍ଧିଥିବାର ଦେଖିବାକୁ ମିଳିଛନ୍ତି। ଏହାର କ୍ୟାପ୍‌ସନ୍‌ରେ ସେ କେବଳ ନରୱେ ଜାତୀୟ ପତାକା ଓ ରେଡ୍ ହାର୍ଟ ଇମୋଜି ରଖିଛନ୍ତି। ଏହି ଦୁଇ ପୋଷ୍ଟକୁ ଫୁଟ୍‌ବଲ୍ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି।

# ଅଷ୍ଟମଥର ଫାଇନାଲରେ ୬ ଥରର ଚାମ୍ପିଅନ୍ ଅଷ୍ଟ୍ରେଲିଆ



ନୂଆଦିଲ୍ଲୀ,୦୧/୦୭: ଚଳିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଆଧିପତ୍ୟ ଜାରି ରଖି ଅଷ୍ଟମ ଥର ଫାଇନାଲ୍‌ରେ ପ୍ରବେଶ କରିଛି । ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ୍‌ରେ ଦଳ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍ ହରାଇ ୧୨୫ରନ୍ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ୧୩ ଓଭରରେ ୨ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା । ଅଲରାଉଣ୍ଡ୍ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆସଲି ଗାର୍ଡନର ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଆସନ୍ତା ୨ ତାରିଖରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ୍ ଖେଳାଯିବ ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଅଷ୍ଟ୍ରେଲିଆ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ଯଦିଓ ୱେଷ୍ଟଇଣ୍ଡିଜ୍‌ର ଓପନିଂ ଯୋଡି ଅଧିନାୟିକା ହେଲି ମାଥ୍ୟୁସ୍ ଓ କ୍ୱିୟାନ ଯୋଶେଫ୍ ୪୭ରନ୍ ସଂଗ୍ରହ କରିଥିଲେ । ମାଥ୍ୟୁସ ୩୦ ରନ୍ କରି ଆଉଟ ହେବା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା । ଯୋଶେଫ ୧୬ ରନ୍ ବିଦାୟ ନେଇଥିବାବେଳେ ଷ୍ଟାଫାନି ଟେଲର ଓ ଜେ କ୍ଲକ୍ସଟନ୍ ଖାତା ଖୋଲି ପାରିନଥିଲେ । ଏସ୍. କ୍ୟାମ୍ପବେଲ ୨୨, ଚିନେଲି ହେନରୀ ୧୦ ରନ୍ କରି ଆଉଟ୍ ହେବା ସହ ଦଳ ୮୩ରନ୍‌ରେ ୬ଟି ୱିକେଟ୍ ହରାଇଥିଲା । ମାତ୍ର ଗ୍ଲାସଗୋ ୧୫ ଓ ଡିଣ୍ଡ୍ରା ଡଟିନ୍ ୧୬ବଲ୍‌ରେ ୨୬ ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କର ୧୨୫ରେ ପହଞ୍ଚିଥିଲା ।

ଅଷ୍ଟ୍ରେଲିଆ ପକ୍ଷରୁ ସୋଫି ମୋଲିନକ୍ସ, ଆସଲି ଗାର୍ଡନର ଓ ଜର୍ଜିୟା ୱାରେହାମ୍ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ୧୨୬ରନ୍ ବିଜୟ ଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ୬୪ରନ୍‌ରେ ୨ଟି ୱିକେଟ୍ ହରାଇଥିଲା । ଜର୍ଜିୟା ଭୋଲ ୧୬ ଓ ଫୋଏବ ଲିଚ୍‌ଫିଲ୍ଡ ୪ରନ୍ କରି ଆଉଟ୍ ହୋଇଥିବାବେଳେ ଏଲିସ୍ ପେରୀ (୨) ରିଟାୟାର୍ଡ ହର୍ଟ ହୋଇଥିଲେ । ଅନ୍ୟ ଓପନର ବେଥ୍ ମୁନି ଅପରାଜିତ ୬୧ (୮ଚୌକା) ଓ ଗାର୍ଡନର ଅପରାଜିତ ୩୫ (୪ଚୌକା, ୧ଛକା) ରନ୍ କରି ଦଳକୁ ବିଜୟୀ କରାଇଥିଲେ ।

# ରୋନାଲ୍‌ଡୋଙ୍କ ବିଶ୍ୱକପ ରେକର୍ଡ ଭାଙ୍ଗିଲେ ଏମବାପେ

ୱାଂଶିଟନ୧୭: ଫ୍ରାନ୍ସର ନମ୍ବର ୧୦ ଏମବାପେ ଫିଫା ବିଶ୍ୱକପ ୨୦୨୬ରେ ରେକର୍ଡ ପରେ ରେକର୍ଡ କରିବାରେ ଲାଗିଛନ୍ତି। ସେ ବେଶ ଦ୍ରୁତଗତିରେ ଗୋଟିଏ ପରେ ଗୋଟିଏ ବିଶ୍ୱ ରେକର୍ଡକୁ ନିଜ ନାଁରେ କରୁଛନ୍ତି। ରିୟଲ ମାଡ୍ରିଡ ପାଇଁ କ୍ଲବ ଫୁଟବଲ ଖେଳୁଥିବା ୨୮ ବର୍ଷୀୟ ଫରୱାର୍ଡ ଏମବାପେ ମଙ୍ଗଳବାର ଆଉ ଗୋଟିଏ କୀର୍ତ୍ତିମାନ ହାସଲ କରିଛନ୍ତି।



ସ୍ୱିଡେନ ବିପକ୍ଷ ରାଉଣ୍ଡ ଅଫ ୩୨ର ମ୍ୟାଚ୍‌ରେ ଏମବାପେ ନିଜର ଯାଦୁ ଦେଖାଇଛନ୍ତି। ମ୍ୟାଚ୍‌କୁ ଫ୍ରାନ୍ସ ୩-୦ରେ ଜିତି ସ୍ୱଡେନର ଫିଫା ବିଶ୍ୱକପ ୨୦୨୬ ଅଭିଯାନରେ ପୂର୍ଣ୍ଣଚ୍ଛେଦ ଟାଣିଛି। ଆଉ ଏହି ମ୍ୟାଚ୍‌ରେ ଏମବାପେ ଟ୍ୱିନ ଗୋଲ ସ୍କୋରର କରିଛନ୍ତି।

ଏହି ଡବଲ ଗୋଲ ପରେ ଏମବାପେଙ୍କ ବିଶ୍ୱକପ୍ କ୍ୟାରିୟରର ମୋଟ ଗୋଲ୍ ସଂଖ୍ୟା ୧୮ରେ ପହଞ୍ଚି ଯାଇଛି। ଏଥିସହ ସେ ଜର୍ମାନୀର କିମ୍ବଦନ୍ତୀ ଖେଳାଳି ମିରୋସ୍ଲାଭ କ୍ଲୋଜେଙ୍କୁ ମଧ୍ୟ ପଛରେ ପକାଇ ବିଶ୍ୱକପ୍ ଇତିହାସର ଦ୍ୱିତୀୟ ସର୍ବାଧିକ ଗୋଲ୍ ସ୍କୋରରର ବନି ଯାଇଛନ୍ତି।

ସ୍ୱିଡେନ ବିପକ୍ଷରେ ଏମବାପେ ସ୍କୋରକରିଥିବା ଦୁଇଟି ଗୋଲ୍ ପରେ ସେ ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟରେ ସର୍ବାଧିକ ଗୋଲ କରିଥିବା ଖେଳାଳି ମଧ୍ୟ ହୋଇଛନ୍ତି। ବିଶ୍ୱକପ ନକଆଉଟରେ ଏବେ ତାଙ୍କର ମୋଟ ଗୋଲ୍ ସଂଖ୍ୟା ୧୦। ନକଆଉଟରେ ସର୍ବାଧିକ ଗୋଲ ସ୍କର କରିବାର ରେକର୍ଡ ବ୍ରାଜିଲର ରୋନାଲ୍‌ଡୋ ନାଜାରିଓ ଓ ଲିଓନିଦାସଙ୍କ ନାଁରେ ରହିଥିଲା।

ଉଭୟ ୮ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। କିନ୍ତୁ ଗୋଟିଏ ରାତିରେ ଏମବାପେ ଉଭୟଙ୍କୁ ଦ୍ୱିତୀୟକୁ ଠେଲି ଦେଇଛନ୍ତି। ତୃତୀୟ ସ୍ଥାନରେ ଫ୍ରାନ୍ସର ଜଷ୍ଟ ଫୋଣ୍ଟେନ୍ ଓ ବ୍ରାଜିଲର ପେଲେ ୭ଟି ଲେଖାଏ ଗୋଲ୍ କରି ରହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱକପ୍ ଇତିହାସର ସର୍ବାଧିକ ୧୯ ଗୋଲ୍ କରି ୧ ନମ୍ବର ସ୍ଥାନରେ ଥିବା ଆର୍ଜେଣ୍ଟିନା ଲିଓନେଲ୍ ମେସି ନକ୍‌ଆଉଟ୍ ପର୍ଯ୍ୟାୟରେ ମାତ୍ର ୫ଟି ଗୋଲ୍ କରିଛନ୍ତି। ତାଙ୍କର ଚିରପ୍ରତିଦ୍ୱନ୍ଦ୍ୱୀ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ଗୋଟିଏ ମଧ୍ୟ ଗୋଲ୍ କରିପାରିନାହାନ୍ତି। ଏହାର ଅର୍ଥ ନକଆଉଟ ପର୍ଯ୍ୟାୟରେ ଏମବାପେ କରିଥିବା ଗୋଲର ଆଖପାଖରେ ମଧ୍ୟ ମେସି କିମ୍ବା ପର୍ତ୍ତୁଗାଲର ରୋନାଲ୍‌ଡୋ ନାହାନ୍ତି।

ସ୍ୱିଡେନ ବିପକ୍ଷ ମ୍ୟାଚ୍‌ରେ ୨ଟି ଗୋଲ କରିବା ପରେ ଚଳିତ ବିଶ୍ୱକପରେ ଏମବାପେଙ୍କ ଗୋଲ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ସେ ଗୋଲ୍‌ଡେନ୍ ବୁଟ୍ ଦୌଡ଼ରେ ମେସିଙ୍କ ସମକକ୍ଷ ହୋଇଛନ୍ତି। ମେସି ମଧ୍ୟ ଚଳିତ ବିଶ୍ୱକପରେ ଏଯାଏ ୬ଟି ଗୋଲ ସ୍କୋରର କରିଛନ୍ତି। ୧୯୯୮ ପରେ ଫ୍ରାନ୍ସ ବିଶ୍ୱକପରେ ଅନ୍ୟତମ ବଡ ବିଜୟ ବି ହାସଲ କରିଛି। ୧୯୯୮ ବିଶ୍ୱକପ ଫାଇନାଲରେ ଦଳ ବ୍ରାଜିଲକୁ ୩-୦ ହରାଇଥିଲା। ଏହାପରେ ମଙ୍ଗଳବାର ପ୍ରଥମ ଥର ପାଇଁ କୌଣସି ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟରେ ଫ୍ରାନ୍ସ ୩-୦ ବ୍ୟବଧାନରେ ବିଜୟ ହାସଲ କରିଛି।ଏବେ ଫ୍ରାନ୍ସ ପ୍ରି କ୍ୱାର୍ଟର ଫାଇନାଲ ଜୁଲାଇ ୪ରେ ପାରାଗୁଏ ବିପକ୍ଷରେ ଖେଳିବ। ପାରାଗୁଏ ୪ଥରର ବିଶ୍ୱ ବିଜେତା ଜର୍ମାନୀକୁ ଶୁଟଆଉଟରେ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି।

# ପାଣ୍ଡ୍ୟାଙ୍କୁ ନେବାକୁ ଆଇପିଏଲର ୭ ଫ୍ରାଞ୍ଚାଇଜ ଆଗ୍ରହ

ନୂଆଦିଲ୍ଲୀ୧୭ : ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ୍‌ଟେନ ହାର୍ଦ୍ଦିକ ପାଣ୍ଡ୍ୟା ନିଜ ଫ୍ରାଞ୍ଚାଇଜରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଷ୍ଟାର ଅଲରାଉଣ୍ଡ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସରୁ ୨୦୧୫ରେ ନିଜ କ୍ୟାରିୟର ଆରମ୍ଭ କରି ୨୦୨୧ ଯାଏ ରହିଥିଲେ। ଏହାପରେ ୨ ବର୍ଷ ଗୁଜରାଟ ଟାଇଟନ୍ସ ସହ ରହିବା ପରେ ପୁଣି କ୍ୟାପ୍‌ଟେନ ଭାବେ ମୁମ୍ବାଇ ଇଣ୍ଡିଆନ୍ସ ଫେରିଥିଲେ।୨୦୨୪ରୁ ସେ ମୁମ୍ବାଇର କ୍ୟାପ୍‌ଟେନ ରହିଛନ୍ତି। ମୁମ୍ବାଇ ହାର୍ଦ୍ଦିକଙ୍କ ନେତୃତ୍ୱରେ ୧୦ମ, ତୃତୀୟ ଓ ୯ମ ସ୍ଥାନରେ ନିଜର ଅଭିଯାନ ୩ ବର୍ଷ ମଧ୍ୟରେ ଶେଷ କରିଛି। ଏଥିପାଇଁ ହାର୍ଦ୍ଦିକ ୨୦୨୭ ଆଇପିଏଲ ପୂର୍ବରୁ ନୂଆ ଟିମରେ ସାମିଲ ହେବେ।

ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଛାଡିବାକୁ ଯାଉଥିବା ବେଳେ ତାଙ୍କୁ ନେବା ପାଇଁ ଆଇପିଏଲର ୭ଟି ଫ୍ରାଞ୍ଚାଇଜ ଆଗ୍ରହ ଦେଖାଇଛନ୍ତି। କେବଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ ରାଇଜର୍ସ ହାଇଦ୍ରାବାଦ ହାର୍ଦ୍ଦିକଙ୍କୁ ନେବାକୁ କୌଣସି ପ୍ରକାରର ଆଗ୍ରହ ଦେଖାଉ ନାହାନ୍ତି। ଏହି ଦୁଇ ଟିମକୁ ଛାଡି ବାକି ସମସ୍ତେ ହାର୍ଦ୍ଦିକଙ୍କ ପାଇଁ ବ୍ୟାକଡୋର୍‌ରେ ଆଲୋଚନା ଚଳାଇଛନ୍ତି। ୭ ଫ୍ରାଞ୍ଚାଇଜଙ୍କ ମଧ୍ୟରୁ ୫ ଥରର ଆଇପିଏଲ ବିଜେତା ଚେନ୍ନାଇ ସୁପର କିଙ୍ଗସ ହାର୍ଦ୍ଦିକଙ୍କୁ ନେବା ପାଇଁ ସବୁଠାରୁ ଆଗରେ ରହିଛି। ଚେନ୍ନାଇ ଅନ୍ୟତମ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସଙ୍କୁ କଡା ଟକ୍କା ଦେଉଥିବା ରିପୋର୍ଟ ପ୍ରକାଶ ପାଇଛି। ଏହାବାଦ ରାଜସ୍ଥାନ ରୟାଲ୍ସ ମଧ୍ୟ ହାର୍ଦ୍ଦିକଙ୍କୁ ହାସଲ କରିବାର ପ୍ରବଳ ଦାବିଦାର ଭାବେ ଉଭା ହୋଇଛି। ତେବେ ହାର୍ଦ୍ଦିକ କେଉଁ ଟିମ ପାଖକୁ ଯିବେ ଓ ମୁମ୍ବାଇ ତାଙ୍କ ବଦଳରେ ଟ୍ରେଡ ଡିଲ ବଳରେ କାହାକୁ ଆଣିବ, ତା' ଉପରେ ସମସ୍ତଙ୍କ ନଜର ରହିଛି। କିଛି ଦିନ ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା ଯେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଟ୍ରେଡ ଡିଲ ବଳରେ ରାଜସ୍ଥାନ ରୟାଲ୍ସ ନେବାକୁ ଆଗ୍ରହ ଦେଖାଇଛି। ମୁମ୍ବାଇ ମଧ୍ୟ ହାର୍ଦ୍ଦିକଙ୍କୁ ଛାଡିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ତାଙ୍କ ବଦଳରେ ରାଜସ୍ଥାନ ରୟାଲ୍ସ ଯଶସ୍ୱୀ ଜୈସୱାଲଙ୍କୁ ମୁମ୍ବାଇ ଆଣିବାକୁ ଚାହୁଁଛି ।ଦୁଇ ଫ୍ରାଞ୍ଚାଇଜ ଏ ସମ୍ପର୍କରେ ଆଲୋଚନା ପ୍ରାୟ ଶେଷ କରିଥିବା ମଧ୍ୟ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏବେ ଚେନ୍ନାଇ ହାର୍ଦ୍ଦିକଙ୍କୁ ନେବାକୁ ସବୁଠାରୁ ଆଗରେ ରହିଥିବା କୁହାଯାଉଛି। ସେହିପରି କୋଲକାତା କାମେରନ ଗ୍ରୀନଙ୍କ ବଦଳରେ ହାର୍ଦ୍ଦିକଙ୍କୁ ନେବାକୁ ପ୍ରସ୍ତାବ ଦେଇଥିବା ଜଣାପଡିଛି।



ଅନ୍ୟପକ୍ଷରେ ହାର୍ଦ୍ଦିକ ମୁମ୍ବାଇ ଛାଡି ବେଙ୍ଗାଲୁରୁ ଶିଫ୍ଟ କରି ଯାଇଛନ୍ତି। ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ(ସିଓଇ)କୁ ନିଜର ସ୍ଥାୟୀ ଟ୍ରେନିଂ ବେସ୍ ବାଛି ପାଣ୍ଡ୍ୟା ଏପରି ପଦକ୍ଷେପ ନେଇଛନ୍ତି। ସେ କ୍ରିକେଟ ଖେଳିବା ଜାରି ରଖିବା ଯାଏ ସିଓଇ ତାଙ୍କର ସ୍ଥାନୀୟ ଟ୍ରେନିଂ ବେସ୍ ହୋଇ ରହିବ। ଏପରି ପଦକ୍ଷେପ ନେବାରେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଭାରତୀୟ କ୍ରିକେଟର ବନିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ